# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୬ ଡିସେମ୍ବର, ୨୦୨୫

----

**[ଅବକାରୀ - ଉପ ମୁଖ୍ୟମନ୍ତ୍ରୀ - ମିଶନ ଶକ୍ତି - ପର୍ଯ୍ୟଟନ - ଆଇନ - ମହିଳା ଓ ଶିଶୁ ବିକାଶ - ନିର୍ମାଣ ].**

**ମୋଟ ପ୍ରଶ୍ନର ସଂଖ୍ୟା - 314**

----

### ରାସ୍ତା ହସ୍ତାନ୍ତର

**1161 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର DLEC ରେ RD ବିଭାଗ ଏବଂ GP/PC ର କେଉଁ କେଉଁ RD Road କୁ Works Department (PWD) କୁ Transfer ନିମନ୍ତେ ପ୍ରସ୍ତାବ ପାରୀତ ହୋଇଛି, ସେଗୁଡିକରୁ ବାଲେଶ୍ୱର ଜିଲ୍ଲାର କେଉଁ ନିର୍ବାଚନ ମଣ୍ଡଳୀର ଓ କେଉଁ ବ୍ଲକ ଅନ୍ତର୍ଗତ କେଉଁ ରାସ୍ତାର ବିକାଶ ପାଇଁ ଚଳିତ ବର୍ଷ Works Department ନିଷ୍ପତ୍ତି ଗ୍ରହଣ କରିଛନ୍ତି?

----

### Status of Balangir-Patnagarh Bypass Road

**1626 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Can the government provide a progress report on : The Balangir and Patnagarh bypass road projects-when will construction begin, and what are the expected completion dates; and Measures being taken to ease heavy vehicle congestion, especially in town centers, to improve safety?

----

## Repairing of Level crossing

1681 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Malfunctioning of the Parmanandpur level crossing in Bhawanipatna, causing repeated traffic gridlock, and (b) Continuing poor condition of SH-06 (Bhawanipatna-Kalahandi route), a key regional artery. What immediate steps will the State take to (i) repair the level crossing and ensure Railway-Works Dept coordination so crossings are safe and not repeatedly stuck, (ii) Schedule and fund urgent resurfacing/strengthening of SH-06, and provide timeline and budget so traffic, trade, and ambulances are not put at risk; Details of tenders and dates,

----

## ସେତୁ ମରାମତି

1791 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକର ସାଳନ୍ଦୀ ନଦୀ ଉପରେ ଥିବା ରାଜଘାଟ ସେତୁ, ସଛିଆ ସେତୁ, କୁଆଁସ ସେତୁ, ଛପୋଲିଆ ସେତୁ, ପଞ୍ଚମୁଖୀ ହନୁମାନ ସେତୁ, ନରିପୁର ସେତୁ ଆଦିର ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ସରକାରଙ୍କ ତରଫରୁ ଯୋଜନା ଅଛି କି, ଯଦି ହଁ ତେବେ କେବେ ସୁଦ୍ଧା ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କେତେ ଅର୍ଥ ଅନୁଦାନ ବ୍ୟୟ ବରାଦ ହୋଇଛି ?

----

## ଶିକ୍ଷାନୁଷ୍ଠାନ କ୍ୟାମ୍ପସ ବାହାରେ ନିଶା ଦ୍ରବ୍ୟ ବେଆଇନ ବିକ୍ରୀ

1927 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଶିକ୍ଷା ଅନୁଷ୍ଠାନମାନଙ୍କରେ କ୍ୟାମ୍ପସ୍ ଓ କ୍ୟାମ୍ପସ ବାହାରେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟର ବେଆଇନ କାରବାର ହେଉଥିବାର ସରକାରଙ୍କ ନଜରରେ ଅଛି କି, ଯଦି ହଁ, ଏହାର ପ୍ରତିକାର ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Present development status of Gadachandi Mandir

2165 **Smt. Sofia Firdous (Barabati-Cuttack):**

Will the Minister for **Works** be pleased to state that:- (a) The present status of development and renovation works proposed for Gadachandi Mandir and Paramahans Mandir in Cuttack; (b) Whether DPRs, site surveys or heritage

assessments have been prepared and the funds allocated; Whether approach roads, lighting, drinking water, sanitation and visitor facilities are planned; and the timeline for commencement and completion of these works to promote the temples as cultural and tourist destinations?(a) The present status of development and renovation works proposed for Gadachandi Mandir and Paramahans Mandir in Cuttack; (b) Whether DPRs, site surveys or heritage assessments have been prepared and the funds allocated; Whether approach roads, lighting, drinking water, sanitation and visitor facilities are planned; and the timeline for commencement and completion of these works to promote the temples as cultural and tourist destinations?

----

## Steps to Ban liquor in the State

**2166 Smt. Sofia Firdous (Barabati-Cuttack):**

Will the Minister for **Excise** be pleased to state that:- (a) Whether the Government has taken note of the rising number of liquor-abuse cases and related social distress across Odisha; (b) The district-wise number of liquor-abuse cases, medical emergencies and deaths reported in the last three years; Whether the government is examining the possibility of complete liquor ban, as practiced in some other States?

----

## Steps taken to increase tourist flow

**2167 Smt. Sofia Firdous (Barabati-Cuttack):**

Will the Minister for **Deputy Chief Minister** be pleased to state that:- (a) The total number of tourists who visited Odisha during 2022-23, 2023-24 and 2024-25 with district-wise details; (b) Steps taken to increase tourist inflow in 2025-26 and the target fixed for the year; Major tourism infrastructure upgradation underway district-wise; Initiative proposed for promoting tourism in Cuttack, including heritage and riverfront circuits; and The mechanism to track district-wise tourist footfall and outcomes?

----

## ଲକ୍ଷ୍ମୀପୁରରେ ପର୍ଯ୍ୟଟନ ବିକାଶ

**2168 Shri Pabitra Saunta (Laxmipur):**

Will the Minister for **Deputy Chief Minister** be pleased to state that:- କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଥିବା କୁଟଣିପଦର ଗ୍ରାମ ସ୍ଥିତ ସହସ୍ର ଶିବଲିଙ୍ଗ ମନ୍ଦିର, ଖଜୁରୀପୁଟ ଶିବ ମନ୍ଦିର, ତଳ ମିଟିଂ, ଜଳଧରା, DD Ghat Eco Tower, ପୁଞ୍ଜିସିଲ, କାଳିଆମାଳୀ, ତଳମାଳୀ ଓ ବାରି ଜଳ ପ୍ରପାତର ପର୍ଯ୍ୟଟନ ସ୍ଥଳୀ ରୂପେ ପ୍ରସିଦ୍ଧି ଲାଭ କରିଥିବା ବେଳେ ପର୍ଯ୍ୟଟନ ବିଭାଗ ତରଫରୁ ବଡ ବଡ ସାଇନ ବୋର୍ଡ ଲଗେଇ ପ୍ରଶାସନ ଚୁପ ରହିବା କାରଣ କଣ ; ପ୍ରତିଦିନ ଉକ୍ତ ସ୍ଥାନ ଗୁଡିକରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ବୁଲି ଆସିଥାନ୍ତି କିନ୍ତୁ ପର୍ଯ୍ୟଟନସ୍ଥଳୀର ଆନୁସଙ୍ଗିକ ବ୍ୟବସ୍ଥା ଏଠାରେ ଉପଲବ୍ଧ କରାଯାଇନାହିଁ?

----

## ଛତୁଆ ମାନ ତଦାରଖ କରିବାକୁ ପଦକ୍ଷେପ

**2169** **Shri Pabitra Saunta (Laxmipur):**

Will the Minister for **Deputy Chief Minister** be pleased to state that:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେତେଗୋଟି SHG (ସ୍ୱୟଂ ସହାୟକ ଗୋଷ୍ଠୀ) ସକ୍ରିୟଭାବେ କାର୍ଯ୍ୟକରୁଛନ୍ତି ସେମାନଙ୍କ ମଧ୍ୟରୁ କେଉଁ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁ ଖାଦ୍ୟ ହିସାବରେ ଯୋଗାଉଛନ୍ତି ; ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀର ତଦାରଖ ତଥା ମାନ ନିର୍ଦ୍ଧାରଣ ପାଇଁ ବିଭାଗ ତରଫରୁ କିଭଳି ଭାବରେ routine କାର୍ଯ୍ୟକ୍ରମ କରାଯାଉଛି ତାହାର ବିସ୍ତୃତ ବିବରଣୀ ଦେବେ କି ; ନିମ୍ନମାନର ଶିଶୁ ଖାଦ୍ୟ ଯୋଗାଉଥିବାରୁ କେହି ଶିଶୁ ଖାଉନଥିବାରୁ SHG ସଂସ୍ଥା ବିରୁଦ୍ଧରେ ଗତ 5 ବର୍ଷ ଭିତରେ ଅଞ୍ଚଳବାସୀ ଅନେକ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ; ଯଦି ନେଇଛନ୍ତି କଣ କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି?

----

## ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

**2170** **Shri Ashok Kumar Das (Basudevpur):**

Will the Minister for **Deputy Chief Minister** be pleased to state that:- ଭଦ୍ରକ ଜିଲ୍ଲାର ICDS ମାଧ୍ୟମରେ ଶିଶୁ, କିଶୋରୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପୋଷଣକୁ ଦୂରକରିବା ନିମନ୍ତେ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଛତୁଆ ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତି ଓ ବଣ୍ଟନ କରିବା ପାଇଁ କେଉଁ ସଂସ୍ଥା/SHG/ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ଦିଆଯାଇଛି ତାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ; ବଣ୍ଟନ ହେଉଥିବା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବାକୁ ନେଇଥିବା ବା ଟେଣ୍ଡର ପାଇଥିବା ସଂସ୍ଥାର ଅବଧି କେବେ ଶେଷ ହେବ ଜଣାଇବେ କି ; ସେହିପରି ନୂତନ ଭାବେ ହେବାକୁ ଥିବା ଟେଣ୍ଡରର ପ୍ରକ୍ରିୟା ଓ ନିର୍ଦ୍ଦେଶାବଳୀ କଣ ରହିଛି ଏବଂ ଏହା କେବେଠାରୁ ଆରମ୍ଭ ହେବ ; ବଣ୍ଟନ ହେଉଥିବା ଖାଗ୍ୟ ସାମଗ୍ରୀର ମାନ ଓ ପରିମାଣ ସଠିକ୍ ଭାବେ ଯାଞ୍ଚ ହେଉଛି କି ; ଯାଞ୍ଚ ସମୟରେ ଧରାପଡିଥିବା ସଂସ୍ଥା/SHG/ବ୍ୟକ୍ତିବିଶେଷଙ୍କ ବିରୋଧରେ ବିଭାଗ ପକ୍ଷରୁ 2015 ରୁ ଆଜିଯାଏ କଣ ପଦକ୍ଷେପ ନିଆଯାଇଛି?

----

## ଭଦ୍ରକ ଜିଲ୍ଲାରେ ପର୍ଯ୍ୟଟନ ବିକାଶ

**2171** **Shri Ashok Kumar Das (Basudevpur):**

Will the Minister for **Deputy Chief Minister** be pleased to state that:- ଭଦ୍ରକ ଜିଲ୍ଲାର କେଉଁ କେଉଁ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି ଓ ଆଗାମୀ ଦିନରେ ଆଉ କେଉଁ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ ଯୋଜନା ରହିଛି ତାହା ଜଣାଇବେ କି ; ଜିଲ୍ଲାରେ ଥିବା ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ବାବଦକୁ 2015 ମସିହାରୁ ଆଜି ପର୍ଯ୍ୟନ୍ତ ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି ଓ ଏହି ଅର୍ଥ କେଉଁ କେଉଁ ବାବଦକୁ କେଉଁ ସ୍ଥାନରେ ଖର୍ଚ୍ଚ ହୋଇଛି ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ଆଗାମୀ ଦିନରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ରକ୍ତତୀର୍ଥ ଇରମର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ବାବଦକୁ ବିଭାଗ ପକ୍ଷରୁ କଣ ପ୍ରସ୍ତାବ ରହିଛି?

----

## ସେତୁ ନିର୍ମାଣ ସ୍ଥିତି

**2172** **Shri Ashok Kumar Das (Basudevpur):**

Will the Minister for **Works** be pleased to state that:- ତା.31.08.2024ରିଖ ଅଣତାରକା ପ୍ରଶ୍ନ ସଂଖ୍ୟା-3115 ଅନୁଯାୟୀ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ପରିସରରେ ଥିବା ମନ୍ତେଇ ନଦୀ ଉପରେ ନିର୍ମାଣ ହେବାକୁ ଥିବା ବାଲିମେଦ ଗ୍ରାମ ପଞ୍ଚାୟତର ଚାରିବାଟିଆ ଘାଟ ଏବଂ କରଞ୍ଜିଆଡିଆ ପଞ୍ଚାୟତର ବାଲିଆପାଳ ଘାଟ ସେତୁର ସ୍ଥିତି କଣ ଜଣାଇବା ସହ ଉକ୍ତ କାର୍ଯ୍ୟ କେବେ ଆରମ୍ଭ କରାଯିବ?

----

## ଛତୁଆ ମାନ ବୃଦ୍ଧି

**2173** **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକର ଆଜକୁ ଦୀର୍ଘବର୍ଷ ହେବ 3 ଗୋଟି SHG Group ନିମ୍ନମାନର ଛତୁଆ ଓ ଗର୍ଭବତୀ ମହିଳାମାନଙ୍କର ଖାଦ୍ୟ ବଣ୍ଟନ କରାଯାଉଅଛି, ଏ ବାବଦରେ ଜିଲ୍ଲାପାଳଙ୍କ ନିକଟରେ ସାଧାରଣ ଲୋକ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନନେବାର କାରଣ କଣ ; ଉକ୍ତ ନିମ୍ନମାନର ଛତୁଆ ଖାଇବା ଫଳରେ ଶିଶୁମାନଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେଉଥିବା ସତ୍ୟ କି?

----

## ଅମ୍ବିକା ପୀଠକୁ ପର୍ଯ୍ୟଟନସ୍ଥଳୀ ଘୋଷଣା

**2174** **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ମା ଅମ୍ବିକା ପୀଠକୁ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ କରିବା ପାଇଁ ପ୍ରସ୍ତାବ ରଖିବେ କି ; ଉକ୍ତ ପୀଠର ଉନ୍ନତି ପାଇଁ ବିଗତ ବର୍ଷ ମାନଙ୍କରେ କେତେ ଅନୁଦାନ ଦିଆଯାଇଥିଲା ଓ ଚଳିତ ଉକ୍ତ ପୀଠର ଉନ୍ନତି ପାଇଁ ସରକାରଙ୍କ ତରଫରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି?

----

## ପୁଷ୍ଟିକର ଖାଦ୍ୟ ଯୋଗାଣ

2175 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଅଦ୍ୟାବଧି କେଉଁ ବ୍ଲକର କେତୋଟି ଅଙ୍ଗନୱାଡି କେନ୍ଦ୍ର ବିଭାଗ ଦ୍ୱାରା ପରିଚାଳିତ ହେଉଅଛି ; ସେଥିରେ ପଞ୍ଜିକୃତ ହୋଇଥିବା ଶିଶୁଙ୍କ ସଂଖ୍ୟା କେତେ, ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାପାଇଁ ଦୈନିକ ଖାଦ୍ୟ ତାଲିକା ଅଛି କି ; ସେଥିପାଇଁ ପ୍ରତ୍ୟେକ ପିଲାଙ୍କୁ ଦୈନିକ କେତେ ଟଙ୍କା ଦେବାର ବ୍ୟବସ୍ଥା ଅଛି ; ପ୍ରଚଳିତ ଖାଦ୍ୟ ତାଲିକାରେ ପରିବର୍ତ୍ତନ କରିବା ପାଇଁ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ପଥପ୍ରାନ୍ତ ସେବାର ପୁନରୁଦ୍ଧାର

2176 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାରେ ଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଜନସାଧାରଣ ବିଶେଷ କରି ମହିଳା ଓ ଶିଶୁ ମାନଙ୍କ ବିଶ୍ରାମ, ଶୌଚାଳୟ ଓ ଭୋଜନ ଉଦ୍ଦେଶ୍ୟରେ ପଥପ୍ରାନ୍ତ ସେବା କେନ୍ଦ୍ର ସ୍ଥାପିତ ହୋଇଛି କି; ଯଦି ହଁ ତେବେ କେଉଁ କେଉଁ ସ୍ଥାନରେ ହୋଇଛି; (ଖ) କିଛି ପଥପ୍ରାନ୍ତ ସେବା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦୃଷ୍ଟିକୁ ଆସିଛି କି, ଯଦି ହଁ, ତେବେ କେଉଁ ସ୍ଥାନରେ ହୋଇଛି ଏବଂ ଏ ଗୁଡିକର ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନେବେ କି?

----

## ମହିଳାମାନଙ୍କୁ କର୍ମନିଯୁକ୍ତି

2177 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡ଼ଚଣା ନିର୍ବାଚନ ମଣ୍ଡଳୀର କେଉଁ ପଞ୍ଚାୟତରୁ କେତେ ସଂଖ୍ୟକ ମହିଳା ମିଶନ୍ ଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କେଉଁ କାମରେ ନିୟୋଜିତ ଅଛନ୍ତି; (କ) ମହିଳାମାନଙ୍କର ଆର୍ଥିକ ସମୃଦ୍ଧି ନିମନ୍ତେ ବଡ଼ଚଣାରେ ମହିଳାମାନଙ୍କୁ କର୍ମନିଯୁକ୍ତି ଦେଇ ଘରୋଇ ଶିଳ୍ପ ପ୍ରତିଷ୍ଠା କରିବାକୁ ସରକାର ପଦକ୍ଷେପ ନେବେ କି; (ଖ) ଆବଶ୍ୟକୀୟ କଞ୍ଚାମାଲ୍, ଯନ୍ତ୍ରାଂଶ ସହ ବଜାରିକରଣର ସୁବିଧା ଉପଲବ୍ଧ କରାଇପାରିଲେ ମହିଳାମାନେ ଆର୍ଥିକ ସ୍ତରରେ ସମୃଦ୍ଧ ହୋଇପାରନ୍ତେ, ଏ ଦିଗରେ ଚିନ୍ତା କରିବେ କି?

----

## ନିଶାମୁକ୍ତ ଭାରତ ଅଭିଯାନ

2178 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ଅବାକରୀ ଆଇନ୍ ୨୦୦୮ ର ୯୩ ଧାରା ଏବଂ ୧୯୫୬ର ଓଡିଶା ନିଶା ନିବାରଣ ଆଇନ୍ କେବେ ରାଜ୍ୟରେ କଡାକଡି ଭାବେ ଲାଗୁ ହେବ; କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନ ରାଜ୍ୟର ୩୦ଟି ଜିଲ୍ଲାରେ ଚାଲୁଥିବାବେଳେ ରାଜ୍ୟର ବୃହତ୍ତର ସାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ତୁରନ୍ତ ଏହା କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବେ କି ?

----

## ଅସଦାଚରଣ ଅଭିଯୋଗ

**2179 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୨ବର୍ଷ ମଧ୍ୟରେ କେଉଁ କେଉଁ ବିଭାଗରେ ମହିଳା କର୍ମଚାରୀଙ୍କ ବିରୁଦ୍ଧରେ ସରକାରୀ ଦପ୍ତରରେ ଯୌନ ନିର୍ଯ୍ୟାତନା ଓ ଅନ୍ୟାନ୍ୟ ଅସଦାଚରଣ ଅଭିଯୋଗ ଆସିଛି, ଏହିସବୁ ଅଭିଯୋଗ ଉପରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ଓ ଦୋଷୀଙ୍କୁ କି ପ୍ରକାର ଦଣ୍ଡ ଦିଆଯାଇଛି , ଏହାର ଏକ ବିଭାଗ ୱାରୀ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଛତୁଆର ମାନ ବୃଦ୍ଧି

**2180 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରସ୍ତୁତ ହେଉଥିବା SHG ଦ୍ୱାରା THR ଛତୁଆର ମାନ ବୃଦ୍ଧି ସହିତ ଅଧିକ ପୁଷ୍ଟିକର କରାଯିବା ସକାଶେ ସରକାର କୌଣସି ଯୋଜନା ପ୍ରସ୍ତୁତ କରୁଛନ୍ତି କି, ଉତ୍ତର ହଁ ହେଲେ ତାହା କଣ, ନିମ୍ନମାନର ଛତୁଆ ପ୍ରସ୍ତୁତ ହେଉଥିବା ସଂକ୍ରାନ୍ତରେ ଚଳିତ ବର୍ଷ ଏପର୍ଯ୍ୟନ୍ତ କେତୋଟି ଅଭିଯୋଗ, କେଉଁଠାରୁ ମିଳିଛି, ତାହା ଅନୁସନ୍ଧାନ ପୂର୍ବକ କ'ଣ ପଦକ୍ଷେପ ନିଆଯାଇଛି ?

----

## ROB ନିର୍ମାଣ

**2181 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ରାଜ୍ୟରେ କେତୋଟି କେଉଁଠାରେ ROB (Rail Over bridge) ନିର୍ମାଣ ହେବ, ସେଥିଲାଗି ସବିଶେଷ ନିର୍ମାଣ ପ୍ରକ୍ରୀୟାର ଅଗ୍ରଗତି କେଉଁ ସ୍ତରରେ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ଏଥିରେ କେନ୍ଦ୍ର ସରକାରଙ୍କର ରେଳବାଇ ବିଭାଗ କେତେ ଅର୍ଥ ମଞ୍ଜୁର କରୁଛନ୍ତି ଏବଂ ରାଜ୍ୟ ସରକାରଙ୍କର ଅଂଶଧନ କେତେ; ବସ୍ତା ବ୍ଲକ୍ ଅନ୍ତର୍ଗତ ଅମର୍ଦ୍ଦାରୋଡ ରେଳ ଷ୍ଟେସନ୍ AMARDA ROAD RLY. STATION) ନିକଟରେ ପ୍ରସ୍ତାବିଗତ ROB ନିର୍ମାଣ ସକାଶେ ସରକାରଙ୍କର ସର୍ବଶେଷ ପଦକ୍ଷେପ କ'ଣ ?

----

## ଦୁର୍ଘଟଣା ଜନିତ ମୃତ୍ୟୁ ସମ୍ପର୍କରେ ରିପୋର୍ଟ ପ୍ରଦାନ

**2182 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Road Safety Cell ଦ୍ୱାରା କେତୋଟି Black Spot ଚିହ୍ନଟ କରାଯାଇଛି, ସମସ୍ତ Black -spots ଗୁଡିକୁ ହଟାଯାଇଛି କି, ରାସ୍ତା ନିରାପତ୍ତା ସୁନିଶ୍ଚିତ କରାଇବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ୨୦୨୩ ମାର୍ଚ୍ଚ ମାସ ଠାରୁ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ସମ୍ପର୍କିତ ମାସୱାରୀ ଏକ ତଥ୍ୟ ପ୍ରଦାନ କରିବେ କି ?

----

## ଅର୍ଥ ମଞ୍ଜୁରି ବିବରଣୀ ପ୍ରଦାନ

**2183 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୩-୨୦୨୪ ମସିହା /ବର୍ଷରେ କେତୋଟି GAD କେଉଁ କାର୍ଯ୍ୟମାନଙ୍କ ପାଇଁ ଅନୁମୋଦିତ ହୋଇଥିଲା ସେଥିପାଇଁ କେତେ ଲେଖାଏଁ ଆର୍ଥିକ ଖର୍ଚ୍ଚର ଅଟକଳ କରାଯାଇ କେତେ ଟଙ୍କା ମଞ୍ଜୁର କରାଯାଇଥିଲା, ସେହି ପ୍ରକଳ୍ପ ମାନଙ୍କ ମଧ୍ୟରୁ କେତୋଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ବର୍ତ୍ତମାନ କେତୋଟିର କାର୍ଯ୍ୟ ଚାଲୁ ରହିଛି, ଅନୁମୋଦିତ ଡ୍ରଇଂ ମଧ୍ୟରୁ କେଉଁ ପ୍ରକଳ୍ପ ଆରମ୍ଭ ହୋଇନାହିଁ ଏବଂ କେବେ ସୁଦ୍ଧା ଆରମ୍ଭ ହେବ, ୨୦୨୩-୨୪ ମସିହାରେ ମଞ୍ଜୁର ଅର୍ଥ କିମ୍ବା ୨୦୨୪-୨୫ ବର୍ଷ କେତେ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି ଏବଂ ଆଉ କେତେ ଆବଶ୍ୟକ ?

----

## ଶିଶୁ ଓ ମାତୃ ପୁଷ୍ଟିହୀନତା ଦୂର କରିବା

**2184 ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ କେତେ ଶିଶୁ ପରିଚର୍ଯ୍ୟାଭୁକ୍ତ ହୋଇଛନ୍ତି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ଶିଶୁ ଓ ମାତୃମାନଙ୍କ ପୁଷ୍ଟିହୀନତା ଦୂରୀଭୂତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି; ଉତ୍ପାଦିତ ଛତୁଆର ଗୁଣବତ୍ତା ପରୀକ୍ଷଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି; (ଖ) ଅଙ୍ଗନୱାଡ଼ି କର୍ମୀ, ସହାୟିକାମାନଙ୍କ ସହ ଆଙ୍ଗନୱାଡ଼ି ପରିଚର୍ଯ୍ୟାଭୁକ୍ତ ଶିଶୁମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ବ୍ଲାକ୍ ସ୍ପଟ୍ ଚିହ୍ନଟ

**2185 ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁ କେଉଁ ସ୍ଥାନଗୁଡିକ ଦୁର୍ଘଟଣା ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ ହୋଇଛି ପ୍ରକାଶ କରି ଏଠାରେ ରାସ୍ତାର ଡିଜାଇନ ପରିବର୍ତ୍ତନ କରି ଦୁର୍ଘଟଣା ହ୍ରାସ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ (ଖ) ରାସ୍ତା ଓସେତୁ ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା ତ୍ୱରାନ୍ୱିତ ନିମନ୍ତେ ଜଳସେଚନ ବିଭାଗ Drainage Wing ସହ ସମନ୍ୱୟକରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ବ୍ୟବସ୍ଥା କରିବେକି?

----

## ପର୍ଯ୍ୟଟନର ବିକାଶ ପାଇଁ ପାନ୍ଥିକା ଓ ପାନ୍ଥଶାଳାଗୁଡିକୁ ପୁନଃରୁଦ୍ଧାର

**2186 ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା କେଉଁ କେଉଁ ପାନ୍ଥିକା ଓ ପାନ୍ଥଶାଳା ସଚଳ ଥିବାବେଳେ କେଉଁଗୁଡିକ ଅଚଳ ଅବସ୍ଥାରେ ଅଛି, କେଉଁଗୁଡିକୁ ଘରୋଇ ବ୍ୟକ୍ତି ବିଶେଷଙ୍କୁ ବାର୍ଷିକ କେତେ ଭଡା ସୂତ୍ରରେ ଦିଆଯାଇଛି ପ୍ରକାଶ କରି ପର୍ଯ୍ୟଟନର ବିକାଶ ପାଇଁ ପାନ୍ଥିକା ଓ ପାନ୍ଥଶାଳାଗୁଡିକୁ ପୁନଃକାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଆରଡି ପୀଠର Development କାର୍ଯ୍ୟ

2187 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆରଡି ଠାରେ ଥିବା ଆଖଣ୍ଡଳମଣୀ ପୀଠରେ ଚାଲିଥିବା Development କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିବାର କାରଣ କଣ, ଏହି ଆରଡି ପୀଠର Development କାର୍ଯ୍ୟ କେବେସୁଦ୍ଧା ସରିବ?

----

## ମନ୍ତେଇ ନଦୀରେ ପୋଲ ନିର୍ମାଣ

2188 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଳନ୍ଦୀ ନଦୀର ଧାନଖଣ୍ଡିଆ ଠାରେ ଏବଂ ମନ୍ତେଇ ନଦୀର ପଞ୍ଚୁଟିକ୍ରୀ ଠାରେ ପୋଲ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ ସରକାର ଏହି 2 ଟି ପୋଲ ଆରମ୍ଭ କରିବା ପାଇଁ ପଦକ୍ଷେପ ନେବେ କି?

----

## କାର୍ଯ୍ୟରତ ବ୍ୟାଙ୍କ ମିତ୍ର ଓ ସିଆରପି/ଇସି ମାନଙ୍କୁ ପ୍ରାପ୍ୟ ଦେବା

2189 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ମିଶନଶକ୍ତିର re-structure କୁ ବିରୋଧ କରି କେଉଁ ଜିଲ୍ଲାର କେଉଁ ମା'ମାନେ କେତୋଟି ମାମଲା ମାନ୍ୟବର ହାଇକୋର୍ଟଙ୍କ ନିକଟରେ ଦାୟର କରିଛନ୍ତି ଏବଂ ଏହା ଉପରେ ମାନ୍ୟବର ହାଇକୋର୍ଟ କେବେ କେଉଁ କେଉଁ ନିଷ୍ପତ୍ତି ଗ୍ରହଣ ନିମନ୍ତେ ଆଦେଶ ଦେଇଥିଲେ ତାର ସମସ୍ତ ତଥ୍ୟ ପ୍ରଦାନ କରିବା ସହ, (ଖ) ମିଶନଶକ୍ତି ମା'ମାନଙ୍କ ନିମନ୍ତେ ବିଭାଗ ପକ୍ଷରୁ କି କି ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ଏବଂ ମିଶନଶକ୍ତି ଅଧିନରେ କାର୍ଯ୍ୟରତ,ବ୍ୟାଙ୍କମିତ୍ର/ ଏମ୍‌ବିକେ/ ସିଆରପି/ ଇସି ସଭ୍ୟାମାନଙ୍କର କେବେଠାରୁ ଦରମା/FPA ପାଇନାହାଁନ୍ତି ଜଣାଇବା ସହ ସେମାନଙ୍କୁ କେବେ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବ ?

----

## Details Published of respective Committee in the Websites

2190 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether in consonance with the Supreme Courts directions our state has completed the time-bound exercise

to verify that all Ministers, Departments, Government organisations, authorities, public sector undertakings, Institutions bodies etc. have constituted Internal Complaints Committees (ICCs) Local Committee (LCs) & Internal Committees (ICs) under the POSH Act, and b) Whether these bodies have published details of their respective committees in the websites. If so give details and if not the details of action taken so far? c)How does the Law define sexual harassment, and the workplace & what does the Law requires the employers to do, and What have been the hurdles to the Law's implementation and What are the "SERIOUS LAPSES" flagged by the Supreme Court of India apropos this pertaining to POSH Act ?

----

## ଆଦ୍ରଭୂମୀ ଗୁଡିକର ସୁରକ୍ଷା

2191 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ) ଚିଲିକା, ଭିତରକନିକା, ସାତକୋସିଆ, ତାମ୍ପରା, ହିରାକୁଦ, ଅଂଶୁପା ଆଦି ଆଦ୍ରଭୂମୀ ଗୁଡିକର ସୁରକ୍ଷା କରିବା ପାଇଁ କି କି ମାଷ୍ଟରପ୍ଲାନ କରିଛନ୍ତି ତାହା ପ୍ରତ୍ୟେକ ପାଇଁ ପ୍ରକାଶ କରିବା ସହ ଆର୍ଥିକ ପ୍ରାବଧାନ କେତେ ଅଛି ତାହା ଜଣାଇବେ କି, ଖ) ଉପରୋକ୍ତ ଆଦ୍ରଭୂମୀ ଗୁଡିକର ସୀମା ନିର୍ଦ୍ଧାରଣ, ବର୍ତ୍ତମାନର ସ୍ଥିତି, ଏତଦ୍ୱଜନିତ ଡିଜିଟାଲ ଡାଟା ବେସ ସରକାର କମ୍ପାଇଲ କରିଛନ୍ତି ତାର ବିବରଣୀ ଓ ରୂପରେଖ ପ୍ରକାଶ କରିବେ କି, ଗ) ଆଦ୍ରଭୂମୀ ସୁରକ୍ଷାକୁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱକୁ ଉପଲକ୍ଷ କରି 'ହାଇକୋର୍ଟ ନିଜଆଡୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା କଥା ସତ୍ୟ ହୋଇଥିଲେ ତାର present status ଦେବେ କି ?

----

## Coastline ସୌନ୍ଦର୍ଯ୍ୟକରଣ

2192 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ କେତେ କି.ମି. କୋଷ୍ଟ ଲାଇନ ( Coastline ) ଅଛି, ତନ୍ମଧ୍ୟରୁ କେତେ କିମି ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ହୋଇଅଛି, ଗତ 16 ମାସ ମଧ୍ୟରେ କେତେ କି.ମି., ଏହାର ଆଲୋକୀକରଣ, ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସରକାରଙ୍କ କଣ ଯୋଜନା ରହିଅଛି?

----

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପଦକ୍ଷେପ

2193 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟକୁ ଆସୁଥିବା ଆଭ୍ୟନ୍ତରଣୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ କ୍ଷେତ୍ରରେ ସମଗ୍ର ଦେଶରେ ଏପରି ସର୍ବାଧିକ ପର୍ଯ୍ୟଟକ ଆସୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥାନ କେତେ ତାହା ଗତ ଆର୍ଥିକ ବର୍ଷ ଆରମ୍ଭରୁ ଏଯାଏଁ ବଢ଼ିଛି ନା କମିଛି ଏବଂ ରାଜ୍ୟକୁ ଏହି ସମୟରେ କେତେ ପର୍ଯ୍ୟଟକ ଆସିଛନ୍ତି ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସରକାର କି ଲକ୍ଷ୍ୟ ରଖିଛନ୍ତି?

----

## ରିଙ୍ଗ ରୋଡ ନିର୍ମାଣ ପାଇଁ ପ୍ରସ୍ତାବ

2194 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ କେଉଁ କେଉଁ ସହରରେ ଅନ୍ୟାନ୍ୟ ସ୍ଥାନରେ ରିଙ୍ଗ ରୋଡ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି କି ଓ ଉତ୍ତର ହଁ ହୋଇଥିଲେ?

----

## ମହିଳାମାନଙ୍କୁ ଆତ୍ମ ନିଯୁକ୍ତି

2195 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ମହିଳାଙ୍କ ମଧ୍ୟରେ ସ୍ୱାକ୍ଷରତା ହାର ଓ ଶିକ୍ଷାଗତ ଯୋଗ୍ୟତା ସ୍ଥିତି କଣ ଏବଂ କେତେ ପ୍ରତିଶତ ମହିଳା କର୍ମଜୀବି ଶ୍ରେଣୀର ଓ କେତେ ପ୍ରତିଶତ ମହିଳା ଆତ୍ମନିଯୁକ୍ତି ଧନ୍ଦାରେ ନିୟୋଜିତ ଅଛନ୍ତି, ରାଜ୍ୟରେ ମହିଳାଙ୍କ ମୁଣ୍ଡ ପିଛା ଆୟ କେତେ ଓ ସାଧାରଣ ମୁଣ୍ଡପିଛା ଆୟ ଏବଂ ପୁରୁଷଙ୍କ ମୁଣ୍ଡ ପିଛା ଆୟଠାରୁ କେତେ ଭିନ୍ନ, ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସରକାରଙ୍କ କି ଯୋଜନା ରହିଛି, କେନ୍ଦ୍ର ସରକାର ଏ କ୍ଷେତ୍ରରେ ଓଡ଼ିଶାକୁ କି ସାହାର୍ଯ୍ୟ ଦେଉଛନ୍ତି ଏବଂ ଗତ ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷରେ ଏଯାଏଁ କେନ୍ଦ୍ରରୁ ଏବାବଦରେ କେଉଁ କେଉଁ scheme କେତେ ଅର୍ଥ ମିଳିଛି?

----

## ଖର୍ଚ୍ଚ ହୋଇଥିବା ଅର୍ଥର ୟୁସି ପ୍ରଦାନ

2196 **Shri Nilamadhab Hikaka (Bissam-cuttack):**

Will the Minister for **Deputy Chief Minister** be pleased to state that:- ବିଷମକଟକ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବ୍ଲକ ମଧ୍ୟରେ ଗତ ୫ ବର୍ଷ ମଧ୍ୟରେ କେତେ ପାଣ୍ଠି, କେଉଁ ବାବଦରେ, କେବେ ଆସିଛି, କେତେ, କେବେ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି, କେତେ ଅବଶିଷ୍ଟ ରହିଛି, କେତେର ୟୁସି ପ୍ରଦାନ, ଆଗାମୀ ବର୍ଷ ପାଇଁ ବିଭାଗର କଣ ପ୍ଲାନ ଅଫ ଆକ୍ସନ ରହିଛି ?

----

## ଆଧୁନିକ କୋର୍ଟ ଭିତ୍ତିଭୂମିର ବିକାଶ

2197 **Shri Nilamadhab Hikaka (Bissam-cuttack):**

Will the Minister for **Law** be pleased to state that:- କୋର୍ଟଗୁଡିକ ପାଇଁ ଉନ୍ନତ ଭିତ୍ତିଭୂମି,ଆଧୁନିକ କୋର୍ଟ ଭିତ୍ତିଭୂମିର ବିକାଶ, ଜିଲ୍ଲା ତଥା ଅଧିନସ୍ଥ ଅଦାଲତରେ ଉନ୍ନତ ସୁବିଧା, ପର୍ଯ୍ୟାପ୍ତ ବ୍ୟବସ୍ଥା, ଉପଯୁକ୍ତ ପରିମଳ ବ୍ୟବସ୍ଥା ଏବଂ ଓକିଲ ତଥା ମକଦ୍ଦମାକାରୀଙ୍କ ପାଇଁ ମୌଳିକ ସୁବିଧା, ଲାଇବ୍ରେରୀଗୁଡ଼ିକ ପାଇଁ ପାଣ୍ଠି ଆବଣ୍ଟନ, ଯୁବ ତଥା ନୂତନ ଓକିଲମାନଙ୍କ ପାଇଁ ସ୍ୱତନ୍ତ୍ର ଅଭ୍ୟାସ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବା ନିମନ୍ତେ ଷ୍ଟାଇପେଣ୍ଡ କିମ୍ବା ଆର୍ଥିକ ସହାୟତା ଦିଗରେ, ନିୟମିତ ତାଲିମ ଏବଂ କର୍ମଶାଳା ଦ୍ୱାରା ଆଇନ,ନୂତନ ଆଇନ ପ୍ରଯୁକ୍ତିବିଦ୍ୟା ଏବଂ ବୃତ୍ତିଗତ ନୈତିକତା ଉପରେ ନିୟମିତ ତାଲିମ, ସେମିନାର ଏବଂ କର୍ମଶାଳାର ଆବଶ୍ୟକତା ଉପଲବ୍ଧ କରାଇବା ପାଇଁ, 'ଆଡଭୋକେଟ୍ ଡେ' କୁ ଛୁଟିଦିନ ଭାବରେ ସ୍ୱୀକୃତି କରିବା ଆଦି ଦିଗରେ ସରକାର କଣ ବିଚାର କରୁଛନ୍ତି ଏବଂ କେବେ ସୁଦ୍ଧା ଓ କେଉଁ କେଉଁ ଉପରୋକ୍ତ ବିଷୟ ସବୁ ଆମ ଆଇନଜୀବୀ ଭାଇ ମାନଙ୍କ ପାଇଁ ଉପଲବ୍ଧ କରାଯିବ ?

----

## ନିର୍ମାଣଧିନ ବାଇପାସ ରାସ୍ତାର ଉନ୍ନତିକରଣ

**2198** **Shri Satyajeet Gomango (Gunupur):**

Will the Minister for **Works** be pleased to state that:- (୧) ଗୁଣୁପୁରଠାରୁ ବିକ୍ରମପୁର ପର୍ଯ୍ୟନ୍ତ ଚାଲିଥିବା ବାଇପାସ ରାସ୍ତା ଓ ଛକ ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ବିଳମ୍ବ କାହିଁକି ; (୨) ସେହି ରାସ୍ତାର ଘରୋଇ ଜମି ଅଧିଗ୍ରହଣ କରିବାର 40 ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୂର୍ତ୍ତ ବିଭାଗ ଖାତାକୁ ଜମି ନ ଆସିବା ଏବଂ ଜବର ଦଖଲ ଉଚ୍ଛେଦ ନ କରିବାର କାରଣ କଣ ; ଗୁଣପୁର ନିର୍ବାଚନ ମଣ୍ଡଳୀରେ ନୂତନ ରାସ୍ତା ନିର୍ମାଣ ପାଇଁ ବିଭାଗର କିଛି ପ୍ରସ୍ତାବ ରହିଛି କି ?

----

## ଗୁଡ଼ାରୀ ଓ ରାମନାଗୁଡ଼ାଠାରେ କୋର୍ଟ ଖୋଲିବା

**2199** **Shri Satyajeet Gomango (Gunupur):**

Will the Minister for **Law** be pleased to state that:- (୧) ଗୁଣୁପୁର ନିର୍ବାଚନ ମଣ୍ଡଳୀର ଗୁଡ଼ାରୀ ଓ ରାମନାଗୁଡ଼ା,ଚନ୍ଦ୍ରପୁରରେ କୋର୍ଟ ଖୋଲିବା ଯୋଜନା ରହିଛି କି ?

----

## Suposhit Anganwadi Centre

**2200** **Shri Sagar Charan Das (Bhawanipatna):**

Will the Minister for **Deputy Chief Minister** be pleased to state that:- The State launched the Suposhit Odisha Mission to certify "Suposhit Anganwadis" provide the number of anganwadis in Kalahandi and Bhawanipatna that have been planned to be assessed so far, and the baseline data ( stunting / wasting/ underweight) used for certification at the district level?

----

## Development of Road

**2201** **Shri Sagar Charan Das (Bhawanipatna):**

Will the Minister for **Works** be pleased to state that:- The road leading to Devegumpha (Devagumpha) cave and surrounding tourist spot has long remained in poor condition, Will the Govt. explain; What concrete steps the Works Department has taken or plans to take to upgrade this road (to pucca standard), including proposed budget, timeline and tecnical plan; Whether there is a dedicated road-maintenance plan for Tourist court roads in Calamand (especially around Biripuda hills / Tel-river area) to improve connectivity for pilgrims and visitors and boost tourism ?

----

## Development Tourism Place

**2202** **Shri Sagar Charan Das (Bhawanipatna):**

Will the Minister for **Deputy Chief Minister** be pleased to state that:- The Jogamaya Shakti Pitha and Jogasadhana Devagumpha (Devegumpha cave) near Gurjimunda in Kalahandi district have significant religious, Historic, and natural appeal. As asked in the previous sessions, my question to the Govt.) remains the same the Govt. Consider declaring these sites as officially recognized tourism / pilgrimage sites, so that they come under state or district tourism development plans, and ensure funds for infrastructure (parking, toilets, safety, signage); Commit to creating a master-plan (in consultation with local Gram Sabhas) for sustainable tourism development at these sites, including eco-tourism, pilgrimage circuits, and community benefit (local employment, guiding, small businesses)?

----

## ପର୍ଯ୍ୟଟନସ୍ଥଳୀର ବିକାଶ

**2203** **Shri Romancha Ranjan Biswal (Deogarh):**

Will the Minister for **Deputy Chief Minister** be pleased to state that:- ଦେବଗଡ଼ ନିର୍ବାଚନମଣ୍ଡଳୀରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ପାଇଁ କଣ କାର୍ଯ୍ୟକ୍ରମ ସବୁ ସରକାର ହାତକୁ ନେଇଛନ୍ତି, ଗତ ଏକ ବର୍ଷ ମଧ୍ୟରେ କେତେ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି, କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇଛି କି ?

----

## ଦେବଗଡ଼ ଜିଲ୍ଲାରେ ଥିବା ଦେଶୀ ମଦଭାଟି

2204 **Shri Romancha Ranjan Biswal (Deogarh):**

Will the Minister for **Excise** be pleased to state that:- ଦେବଗଡ଼ ଜିଲ୍ଲାରେ କେତେଗୋଟି ଦେଶୀ ମଦ ଭାଟି ଅଛି ଏବଂ ଦେଶୀ ମଦ ଭାଟିଗୁଡିକର ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ଦୂଷିତ ଏବଂ ମଦ ମଧ୍ୟ ବିଷାକ୍ତ ହେବାର ସମ୍ଭାବନା ରହୁଛି, ଏହାକୁ ବନ୍ଦ କରିବାର ବ୍ୟବସ୍ଥା କରିବେ କି ଏବଂ ପରିବେଶ ସୁରକ୍ଷା ପାଇଁ ମଦ ଭାଟିଗୁଡିକରେ କଣ କଣ ବ୍ୟବସ୍ଥା ହୋଇଅଛି ?

----

## ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ

2205 **Shri Ramesh Chandra Behera (Daspalla):**

Will the Minister for **Deputy Chief Minister** be pleased to state that:- ନୟାଗଡ଼ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଥିବା ପ୍ରସିଦ୍ଧ ମନ୍ଦିର, ଜଳପ୍ରପାତ, ପରିବେଶ ପର୍ଯ୍ୟଟନ ସ୍ଥଳୀର ବିକାଶ ସାଙ୍ଗକୁ ଏକ ଟୁରିଜିମ ସର୍କିଟ ଗଠନ କରିବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବେ କି ?

----

## ପୁରୁଣା ଜଗନ୍ନାଥ ସଡ଼କକୁ ଦୁଇଲେନ୍ ବିଶିଷ୍ଟ

2206 **Shri Ramesh Chandra Behera (Daspalla):**

Will the Minister for **Works** be pleased to state that:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ଭାୟା ଗଣିଆ- କୁତୁରୀ ଦେଇ ବୌଦ୍ଧ ଜିଲ୍ଲାସହ ସଂଯୋଗ କରୁଥିବା ପୁରୁଣା ଜଗନ୍ନାଥ ସଡ଼କକୁ ଦୁଇ ଲାଇନ ବିଶିଷ୍ଟ କରିବାପାଇଁ ସ୍ଥିର କରିବେ କି?

----

## ନିରାଶ୍ରୟ ଶିଶୁଙ୍କ ସଂଖ୍ୟା

2207 **Shri Sarada Prasad Nayak (Rourkela):**

Will the Minister for **Deputy Chief Minister** be pleased to state that:- ରାଜ୍ୟରେ ମୋଟ ନିରାଶ୍ରୟ ଶିଶୁଙ୍କ ସଂଖ୍ୟା କେତେ, ଜିଲ୍ଲାୱାରୀ ପ୍ରଦାନ କରିବେ; ସେମାନଙ୍କ ବିକାଶ ଲାଗି ରାଜ୍ୟ ସରକାର ଗତ ୫ ବର୍ଷରେ ମୋଟ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଜିଲ୍ଲାୱାରୀ ଜଣାଇବେ କି?

----

## Dedicated Tourist information centre

2208 **Shri Sarada Prasad Nayak (Rourkela):**

Will the Minister for **Deputy Chief Minister** be pleased to state that:- Will the govt. clarify whether our Tourism Department operates any dedicated Tourist Information Centre that guides visitors to contact authorised private tour operators for inter-state tourism packages such as Kerala, Karnataka and Lakshadweep; If not, what steps are being taken to establish such centres or

a single-window system to facilitate safe and regulated outbound tour services for tourists?

----

## Planning introduce any official inter-state tourism initiatives

**2209 Shri Sarada Prasad Nayak (Rourkela):**

Will the Minister for **Deputy Chief Minister** be pleased to state that:- Is the Government planning to introduce any official inter-state tourism initiatives or branded tour packages-such as "Explore Kerala" or "Lakshadweep Holiday Package"-in collaboration with other govt State/UT Tourism Boards; If not, will the govt. consider launching such affordable and well- regulated packages to promote inter-state tourism and boost traveler convenience?

----

## ନିମ୍ନମାନର ଛତୁଆ ଯୋଗାଣ

**2210 Shri Madhab Dhada (Soro):**

Will the Minister for **Deputy Chief Minister** be pleased to state that:- (କ) ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାହାନଗା ବ୍ଲକର ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ କେଉଁ କେଉଁ ବ୍ୟକ୍ତି ବା ସଂସ୍ଥା ଦ୍ୱାରା ଛତୁଆ ପ୍ରସ୍ତୁତ କରି ଯୋଗାଣ କରାଯାଉଅଛି ସଂସ୍ଥାର ନାମ ଓ କେବେ ଠାରୁ ଉକ୍ତ ବ୍ଲକର ସମସ୍ତ ଅଗନାୱାଡିକୁ ଛତୁଆ ଯୋଗାଣ କରୁଛନ୍ତି ; (ଖ) ବର୍ତ୍ତମାନ କାର୍ଯ୍ୟରତ ଛତୁଆ ପ୍ରସ୍ତୁତି ଓ ଯୋଗାଣକାରୀ ସଂସ୍ଥା ମାନେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ଛତୁଆ ପ୍ରସ୍ତୁତ କରି ଯୋଗାଣ କରୁଥିବାର ହିତାଧିକାରୀ ଏବଂ ଅଂଚଳର ଜନପ୍ରତିନିଧି ଓ ଜନସାଧାରଣ ଅଭିଯୋଗ କରୁଥିବାରୁ ଯୋଗାଣକାରୀ ସଂସ୍ଥାଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବର କାରଣ କଣ ଏବଂ କେଉଁ କାରଣରୁ ଅଭିଯୋଗର ତଦନ୍ତ ଓ ଯୋଗାଣକାରୀ ସଂସ୍ଥାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଜାତୀୟ ରାଜପଥ ଅଣ୍ଡରପାସ ନିର୍ମାଣ କାର୍ଯ୍ୟ ବିଳମ୍ବ

**2211 Shri Madhab Dhada (Soro):**

Will the Minister for **Works** be pleased to state that:- (କ) ସୋର ସହର ପାର୍ଶ୍ୱରେ ଯାଇଥିବା ଜାତୀୟ ରାଜପଥରେ ଉତ୍ତରେଶ୍ୱର୍ ଠାରେ ଓସାରିଆ ଭେଇକିଲ (ଭାରିଯାନ ଯାତ୍ରାୟାତ) ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବର କାରଣ ଜାତୀୟ ରାଜପଥ ଅଧିକାରୀ କ୍ଷେତ୍ର ପରିଦର୍ଶନ ପରେ ବି କୌଣସି କାର୍ଯ୍ୟର ଅଗ୍ରଗତି ନ ହେବାର କାରଣ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିବେ କି କ'ଣ; (ଖ) ସୋରୋ କଲେଜ ଛକ ଠାରୁ ବରଫକଳ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ସଂପ୍ରସାରଣ ଯୋଗୁଁ ନୟନଜୋରୀ ପୋତିହୋଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଜଳନିଷ୍କାସନ ବାଧାପ୍ରାପ୍ତ ହେଉଥିବା, ସମ୍ପର୍କରେ ସରକାର ଅବଗତ ଅଛନ୍ତି କି; ଉତ୍ତର ' ହଁ' ହେଲେ NHAI ଅଧିକାରୀ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ମିଳିତ ପରିଦର୍ଶନ ପରେ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରୁ ଜଳନିଷ୍କାସନ ପାଇଁ ଡ୍ରେନ କାର୍ଯ୍ୟ ନହେବାର କାରଣ କଣ ଓ ଜାତୀୟ ରାଜପଥର ଜନଗହଳି ବସ୍ ଷ୍ଟାଣ୍ଡ ଉତ୍ତରଶ୍ୱର ନିକଟରେ ରାଜପଥ କଡରେ ଥିବା ଡ୍ରେନ୍ ଗୁଡିକ ଆବର୍ଜନାରେ ପୋତି ହୋଇଯାଇ ଡ୍ରେନରୁ ଦୁର୍ଗନ୍ଧ ଅସନା ପାଣି ଉଛୁଳି ଏଭଳି ସମସ୍ୟା ଘଟିବା ସତ୍ତ୍ୱେ ଏବଂ ଯାତ୍ରୀମାନେ ବସଷ୍ଟାଣ୍ଡରେ ଠିଆହୋଇ ରହିବା କଷ୍ଟକର ହୋଇପଡୁଛି, ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବେ କି ?

----

## ବାହାନଗାଠାରେ Railway overbridge ନିର୍ମାଣ

**2212 Shri Madhab Dhada (Soro):**

Will the Minister for **Works** be pleased to state that:- (କ) ସୋରୋ ନିର୍ବାଚନ ମଣ୍ଡଳୀର ବାହାନଗା ବଜାର ଠାରୁ ଗୋପଳପୁରକୁ ସଂଯୋଗ କରୁଥିବା ରାସ୍ତାରେ railway ଗେଟ ପଡିଗଲା ପରେ ବହୁ ସମୟ ଧରି ସାଧାରଣ ଲୋକଙ୍କ ହଇରାଣ ହେଉଛନ୍ତି, ଏସବୁକୁ ଦୃଷ୍ଟିରେ ରଖି ବାହାନଗା ଠାରେ ଥିବା Railway Crossing ଉପରେ Over Bridge ନିର୍ମାଣ ପ୍ରସ୍ତାବ ଉପରେ ସରକାର ତଥ୍ୟ ରଖିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେବେ ପୂର୍ଣାଙ୍ଗ ହେବ ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ପରିମାଣ କେତେ; (ଖ) ବାଲେଶ୍ୱର ଜିଲ୍ଲାର ସୋରୋର ମୁଖ୍ୟାଳୟ ଠାରେ ଏକ ନୂତନ ପୂର୍ତ୍ତ ବିଭାଗ ତରଫରୁ ଡାକ ବଙ୍ଗଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି କି ଯଦି ନାଁ ତେବେ ଭୌଗଳିକ ଆବଶ୍ୟକତାକୁ ଭିତ୍ତି କରି ଏକ ଡାକ ବଙ୍ଗଳା ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

## ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଛାଡ଼

**2213 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀ (SHG)କୁ କେତେ ଟଙ୍କାର ସୁଧ ଛାଡ଼ କରିଛନ୍ତି; ସେମାନେ କେତେ ଟଙ୍କା ଋଣ ନେଇଥିଲେ; ଅନ୍ୟାନ୍ୟ ଗୋଷ୍ଠୀମାନଙ୍କୁ କେବେ ଋଣ ଛାଡ଼ କରିବେ; ଋଣଛାଡ଼ କରିବା ପାଇଁ Guideline କଣ ଅଛି; ସେହିଭଳି "ଆମ ସୁବାହକ" ଯୋଜନାର କେତେ ଜଣ ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାର ଗାଡ଼ି କିଣିବା ପାଇଁ କେତେ ଟଙ୍କା ଋଣ ଦେଉଛନ୍ତି ଓ ସେଥିପାଇଁ ସୁଧ ଛାଡ଼ କରିବେ କି ନାହିଁ; Subsidy କେତେ ମିଳିବ; ସମୁଦାୟ କେତେ ଗାଡ଼ି ସରକାର 'ଆମ ସୁ ବାହକ' ଯୋଜନାରେ ପ୍ରତିବର୍ଷ ଗାଡ଼ି ଯୋଗାଇବେ ଓ ସେଥିପାଇଁ ସରକାର କେତେ ଟଙ୍କା ଖର୍ଚ୍ଚ କରିବେ; କେଉଁ ମହିଳାମାନେ ଗାଡ଼ି ପାଇବେ ?

----

## IRC ଅଧିବେଶନରେ ଓଡ଼ିଶାକୁ ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ

2214 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିକଟରେ Indian Road Congress ଅଧିବେଶନରେ କେନ୍ଦ୍ର ସଡ଼କ ମନ୍ତ୍ରୀ ଓଡ଼ିଶାକୁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ସଡ଼କ ଭିତ୍ତିଭୂମି ପାଣ୍ଠି (CCF)ରୁ ଦିଆଯିବା ପାଇଁ ଘୋଷଣା କରିଥିବା ବେଳେ ଏହି ପାଣ୍ଠି କେବେ ଆସିବ ଓ କେଉଁ କେଉଁ ରାସ୍ତା କେତେ କି.ମି. ରାସ୍ତା ନିର୍ମାଣ, ପୁନରୁଦ୍ଧାର, Repairing କାମରେ ଲାଗିବ ସରକାର ଜଣାଇବେ କି; ରାଜ୍ୟ ରାସ୍ତା ନିର୍ମାଣରେ ପ୍ରଦୂଷଣ ରୋକିବା ପାଇଁ ସହରାଞ୍ଚଳ ବର୍ଜ୍ୟବସ୍ତୁ ଉପଯୋଗ କରିବା ପାଇଁ ୮୪ତମ୍ ରୋଡ୍ କଂଗ୍ରେସ ଅଧିବେଶନରେ ଘୋଷଣା କରାଯାଇଥିଲାବେଳେ ଏବେ ରାଜ୍ୟରେ ସେହି ଆଧାରରେ ରାସ୍ତା ନିର୍ମାଣ ହେବ କି, ସେହିଭଳି ରାଜ୍ୟ ରାଜପଥ ନିର୍ମାଣ ବାୟୋ ବିଟୁମେନ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବ୍ୟବହାର କରାଯିବ କି ?

----

## ସୁଭଦ୍ରା ଯୋଜନାରେ ହିତାଧିକାରୀ ବାଦ୍tara

2215 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁଭଦ୍ରା ଯୋଜନାରେ ରାଜ୍ୟର କେତେ ମହିଳା ତାଲିକା ଭୁକ୍ତ ହୋଇଛନ୍ତି; ଇତି ମଧ୍ୟରେ କେତେ ହିତାଧିକାରୀ ତାଲିକାରୁ ବାଦ୍ ପଡିଛନ୍ତି; କେଉଁ ଆଧାରରେ ହିତାଧିକାରୀଙ୍କୁ ବାଦ୍ ଦିଆଗଲା ?

----

## ବିଭିନ୍ନ ପ୍ରକଳ୍ପ ନିମନ୍ତେ ଅର୍ଥ ବ୍ୟୟ

2216 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ନିର୍ମାଣ ବିଭାଗ ପକ୍ଷରୁ କେଉଁ କେଉଁ ପ୍ରକଳ୍ପ ହାତକୁ ନିଆଯାଇଛି; ଏଥି ନିମନ୍ତେ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି; ବର୍ତ୍ତମାନ୍ ସୁଦ୍ଧା ଏହି ସବୁ ପ୍ରକଳ୍ପର ସ୍ଥିତି କଣ ରହିଛି ?

----

## ପର୍ଯ୍ୟଟନସ୍ଥଳୀକୁ ସରକାରୀ ମାନ୍ୟତା

2217 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ପର୍ଯ୍ୟଟନ ସ୍ଥଳୀକୁ ସରକାରୀ ମାନ୍ୟତା ମିଳିଛି, ତାହାର ଜିଲାୱାରି ଏକ ତାଲିକା ପ୍ରଦାନ କରିବେ କି; ବର୍ତ୍ତମାନ୍ ସୁଦ୍ଧା କେଉଁ କେଉଁ ପର୍ଯ୍ୟଟନ ସ୍ଥଳୀ ଭିତ୍ତିଭୂମିର ବିକାଶ ହୋଇଛି ଏବଂ କେଉଁ କେଉଁ ପର୍ଯ୍ୟଟନ ସ୍ଥଳୀ ଅବହେଳିତ ହୋଇ ପଡ଼ି ରହିଛି ?

----

## ପୁରୀ ରଥଯାତ୍ରା ସମୟରେ ହୋଇଥିବା ଦଳଚକଟା

2218 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ରଥଯାତ୍ରା ସମୟରେ ଯେଉଁ ଦଳଚକଟା ଘଟଣା ଶରଧାବାଲିଠାରେ ଘଟିଲା, ତାହା କେଉଁ କାରଣ ଯୋଗୁଁ ଘଟିଲା, ଏଥିରେ କେଉଁ ମାନଙ୍କୁ ଦାୟୀ କରାଯାଇଛି ଏହା ଉପରେ ସରକାର କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି?

----

## ପର୍ଯ୍ୟଟନସ୍ଥଳକୁ ଅର୍ଥ ପ୍ରଦାନ

2219 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ପର୍ଯ୍ୟଟନ ବିକାଶ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ସରକାର କଣ ସବୁ ପଦକ୍ଷେପମାନ ଗ୍ରହଣ କରୁଛନ୍ତି, ପର୍ଯ୍ୟଟନ ଅଭିବୃଦ୍ଧିରେ କେଉଁ ଜିଲ୍ଲାର କେତେ ଯୋଗଦାନ ଅଛି ତାହାର ତଥ୍ୟ ପ୍ରଦାନ କରିବେକି (ଖ) କଳାହାଣ୍ଡି ଜିଲ୍ଲାର ଗତ ଦୁଇ ବର୍ଷରେ କେଉଁ କେଉଁ ପର୍ଯ୍ୟଟନସ୍ଥଳକୁ କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ନୂତନଭାବେ ପର୍ଯ୍ୟଟନସ୍ଥଳିର ମାନ୍ୟତା ପାଇଁ ଆସିଥିବା proposal ଗୁଡିକର ବର୍ତ୍ତମାନ ସ୍ଥିତାବସ୍ଥା କଣ?

----

## ଜାତୀୟ ରାଜପଥମାନଙ୍କରେ ଗୋରୁ ଗାଇଁ ହଟାଇବା

2220 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ରାଜପଥମାନଙ୍କରେ ଗୋରୁ ଗାଇଁମାନେ ଅବାଧରେ ବିଚରଣ କରୁଥିବା ଯୋଗୁଁ ବହୁ ସଂଖ୍ୟାରେ ପ୍ରତିଦିନ ବହୁ ସଂଖ୍ୟାରେ ଦୁର୍ଘଟଣାମାନ ଘଟୁଛି ଏଣୁ ଏହାର ପ୍ରତିକାର ନିମନ୍ତେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଜାତୀୟ ରାଜପଥକୁ ଡବଲ ରାସ୍ତା କରାଯିବା

2221 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗାଜଲବାଡି ଠାରୁ ଦାରିଙ୍ଗିବାଡି ପର୍ଯ୍ୟନ୍ତ 56 ନମ୍ବର ଜାତୀୟ ରାଜପଥ ସିଙ୍ଗଲ ରାସ୍ତା ଥିବା ଯୋଗୁଁ ବହୁତ ଦୁର୍ଘଟଣାଗୁଡିକ ଘଟୁଛି ଏଣୁ ଉକ୍ତରାସ୍ତାକୁ କେବେସୁଦ୍ଧା ଡବଲ ରାସ୍ତା କରାଯିବ ଏଥିପାଇଁ ବ୍ୟବସ୍ଥା କରିବେକି?

----

## ପୂର୍ତ୍ତବିଭାଗ ରାସ୍ତା ମରାମତି

2222 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନମଣ୍ଡଳୀର ଫତେଗଡ ଠାରୁ ଯୋଗିଆପଲ୍ଲୀ, ରାଜକିଆର ପରି ପୂର୍ତ୍ତବିଭାଗ ରାସ୍ତା ମରାମତି ପାଇଁ ଓ ନବୀକରଣ ପାଇଁ କେତେ ଅର୍ଥ ଅନୁଦାନ ମଂଜୁର ହୋଇଛି ସୂଚନା ଦେବେକି, ଅଧାପନ୍ତାରିଆ ପୁର୍ତ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ଓ ଦୁର୍ଘଟଣା ଘରିବାର ସୁଯୋଗ ସୃଷ୍ଟି ଦିଗରେ କଣ ପଦକ୍ଷେପ ନିଆଯାଇଛି?

----

## ପର୍ଯ୍ୟଟନ ରହଣି କେନ୍ଦ୍ର ପ୍ରତିଷ୍ଠା

2223 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଘୋଷିତ ପର୍ଯ୍ୟଟନ କେନ୍ଦ୍ର ଗୁଡ଼ିକୁ ଅଧିକ ଆକର୍ଷଣୀୟ ରହଣି କେନ୍ଦ୍ର ଆବଶ୍ୟକ ରହିଛି ଏ ଦିଗରେ ବିଭାଗ ପକ୍ଷରୁ କିଛି ପଦକ୍ଷେପ ନିଆଯିବ କି ?

----

## ଭୁଗଣ୍ଡେଶ୍ୱର ପୀଠକୁ ଅର୍ଥ ମଞ୍ଜୁର

2224 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଥିବା ପ୍ରସିଦ୍ଧ ଭୁବଣ୍ଡେଶ୍ୱର ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ୧୦ କୋଟି ଟଙ୍କା ଘୋଷଣା ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଅର୍ଥ ରାଶି ମଞ୍ଜୁର ହେଲାଣି କି, ଏଥିପାଇଁ ପର୍ଯ୍ୟଟନ ବିଭାଗ କୌଣସି ଡିପିଆର ପ୍ରସ୍ତୁତ କଲେଣି କି, ଯଦି କରାନାହାନ୍ତି, ଏହି କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହେବ ?

----

## ଜଳେଶ୍ୱର - ଚନ୍ଦନେଶ୍ୱର ରାଜ୍ୟ ରାଜପଥକୁ ଲେନ କରିବା

2225 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର - ଚନ୍ଦନେଶ୍ୱର ରାଜ୍ୟ ରାଜପଥକୁ ଚାରି ଲେନ କରିବା ପାଇଁ କୌଣସି ପ୍ରସାତବ ରହିଛି କି, ଏଥିପାଇଁ ବିଭାଗୀୟ ସ୍ତରରେ ସର୍ଭେ କରାଗଲାଣି କି, ଏହି ରାଜ୍ୟ ରାଜପଥକୁ ଜାତୀୟ ରାଜପଥ କରିବା ପାଇଁ କୌଣସି ପ୍ରସ୍ତାବ ବିଚାରଧୀନ ରହିଛି କି ?

----

## ଲକ୍ଷପତି ଦିଦି ସୃଷ୍ଟି

2226 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଲକ୍ଷପତି ଦିଦି ଯୋଜନାରେ DAY-NRLM ଅନ୍ତର୍ଗତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡିଶା ପାଇଁ କେତେ ଟଙ୍କାର କେନ୍ଦ୍ରୀୟ ବରାଦ ହୋଇଛି ଏବଂ ସେଥିପାଇଁ କେଉଁ କେଉଁ ତାରିଖରେ କେତେ ଟଙ୍କା ମିଳିଛି, (ଖ) ୧୫ ଅଗଷ୍ଟ ୨୦୨୩ ଠାରୁ ଆଜି ପର୍ଯ୍ୟନ୍ତ ଓଡିଶାରେ କେଉଁ କେଉଁ ସମୟରେ କେତେ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି, ସେହି ସମୟରେ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ମୃତ୍ୟୁ କିମ୍ବା ଆବଶ୍ୟକ ବାର୍ଷିକ ସର୍ବନିମ୍ନ ୧ଲକ୍ଷ ଟଙ୍କା ଅର୍ଥ ଉପାର୍ଜନରେ ଅସଫଳତା କାରଣରୁ ସେଥିରୁ ବାଦ ପଡିଛନ୍ତି ?

----

## ବାଳାଶ୍ରମକୁ ଅନୁଦାନ ପ୍ରଦାନ

2227 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ବାଳାଶ୍ରମ ରହିଛି, ଏହାର ଏକ ଜିଲ୍ଲାୱାରୀ ତଥ୍ୟ ଉପସ୍ଥାପନ କରିବେ କି, କେତୋଟି ସରକାରୀ ପରିଚାଳନା ଅନ୍ତର୍ଭୁକ୍ତ ଏବଂ କେତୋଟି ବ୍ୟକ୍ତିଗତ ପରିଚାଳନାରେ ରହିଛି ଏବଂ କେଉଁ ଅନୁଷ୍ଠାନକୁ କେତେ ଅନୁଦାନ ପ୍ରଦାନ କରୁଛନ୍ତି ?

----

## ନୂତନ ଓଭର ବ୍ରିଜ ନିର୍ମାଣ

2228 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର, କମାପଲ୍ଲୀ, ଗୋଳନ୍ଥରା ଅଞ୍ଚଳରେ ଦିନକୁ ଦିନ ଅଧିକରୁ ଅଧିକ ଲୋକଙ୍କ ଯାତାୟାତ ବୃଦ୍ଧି ପାଉଥିବା ଯୋଗୁଁ ଏହି ଅଞ୍ଚଳଗୁଡ଼ିକରେ ସବୁ ସମୟରେ ଟ୍ରାଫିକ ଜାମ ହେଉଥିବା ଏବଂ ଏହି ଅଞ୍ଚଳ ପାର କରିବା ପାଇଁ ଆହେତୁକ ସମୟ ବ୍ୟୟ ହେଉଥିବା ଦୃଷ୍ଟିରୁ ଏହି ଅଞ୍ଚଳ ଗୁଡ଼ିକରେ ଓଭର ବ୍ରିଜ ନିର୍ମାଣ କରିବା ଦିଗରେ ଦୃଷ୍ଟି ପ୍ରଦାନ କରିବେ କି ?

----

## ନିମ୍ନମାନର ରାସ୍ତା ଓ ସେତୁ ନିର୍ମାଣ

2229 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଚ୍ଚ ମୂଲ୍ୟର ରାସ୍ତା ଏଂ ସେତୁ ନିର୍ମାଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ଆସୁଛି, ବିଶେଷ କରି ଠିକାଦାରମାନେ ଯେଉଁଠି ପ୍ରକଳ୍ପର ଧାର୍ଯ୍ୟ ମୂଲ୍ୟ ଠାରୁ ୮% କିମ୍ବା ୮% ରୁ ଉର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟର କମ ଧାର୍ଯ୍ୟ ମୂଲ୍ୟରେ ପ୍ରକଳ୍ପଟିକୁ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ଓ ଚୁକ୍ତି କରୁଛନ୍ତି ଏହା ନଜରରେ ଅଛି କି, ଏବଂ ଏହାକୁ ସଂଶୋଧିତ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ କି ?

----

## ପିପିଲି ଠାରେ ଥିବା Toll Gate ର ଅବଧି

2230 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀରୁ ଭୁବନେଶ୍ୱର ଜାତୀୟ ରାଜପଥରେ ଆଦାୟ ହେଉଥିବା Toll, ଯାହା ପିପିଲି Toll Gate ରେ ଆଦାୟ କରାଯାଉଛି ତାର ଅବଧି କେତେ ବର୍ଷ, ଏବଂ କେବେ ଶେଷ ହେବ, ଶେଷ ହେବା ପରେ କିମ୍ବା ତାପୂର୍ବରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ଉଠାଇଦେବାର ବ୍ୟବସ୍ଥା କରିବେ କି ?

----

## ଶ୍ରୀଜଗନ୍ନାଥ ମନ୍ଦିର ଭୂ-ସମ୍ପତ୍ତି ଅଧିନିୟମ ୨୦୨୪ ର ସ୍ଥିତି

2231 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Uniform Policy ଜରିଆରେ ପୁରୀ ସହରର ବାସିନ୍ଦାମାନେ ଦୀର୍ଘ ବର୍ଷ ଧରି ବସବାସ କରିଆସୁଥିବା ନିଜ ଭିଟାମାଟିରେ ଆଶା ବାନ୍ଧି ଅଛନ୍ତି, ଯାହା ଏବେ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଉଲ୍ଲେଖ ରହିଛି, ବିଚାରଧୀନ ତିବା ଦରଖାସ୍ତ ଗୁଡିକର ଫଇସଲାର ଆଜିକା ଦିନର ସ୍ଥିତି କଣ, ସମାନ ନୀତି ପାଇଁ ପ୍ରସ୍ତାବିତ Coordination କମିଟି ଗଠନର ଆଜିକା ଦିନର ସ୍ଥିତି କଣ, ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ଅନୁମୋଦିତ ସୁପାରିଶ ହୋଇଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଭୂସମ୍ପତ୍ତି ଅଧିନିୟମ-୨୦୨୪ ର ଚିଠା ବିବରଣୀ ଆଜିକା ଦିନର ସ୍ଥିତି କଣ ?

----

## ପୁରାତନ ଅଫିସ ଗୃହ ଗୁଡିକର ପୁନର୍ନିର୍ମାଣ

2232 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ସବ୍‌କଲେକ୍ଟର ଅଫିସ, ତହସିଲ ଅଫିସ, ବ୍ଲକ ଅଫିସ, ଏସ.ପି ଅଫିସ ଓ ଥାନା ଗୁଡିକର ଅଫିସ ଗୃହ ନିର୍ମାଣ ହୋଇତିଲା, ଉକ୍ତ ଗୃହ ଗୁଡିକର ଅବସ୍ଥା ବର୍ତ୍ତମାନ ସଙ୍କଟାପନ୍ନ ଅବସ୍ଥାରେ ଅଛି, ସେଥି ନିମନ୍ତେ ଅର୍ଥର ବ୍ୟବସ୍ଥା କରି ପୁନରୁଦ୍ଧାର କରିବା ପାଇଁ ବିଦିବଦ୍ଧ ପଦକ୍ଷେପ ନେବେ କି ?

----

## ବଳଦେବଜୀଉ ମନ୍ଦିରର ଜମି ଜବର ଦଖଲ ମୁକ୍ତ

2233 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ବଳଦେବ ଜୀଉ ମନ୍ଦିର ସହିତ ଦେବୋତ୍ତର ମନ୍ଦିର ଜିଲ୍ଲାରେ କେତୋଟି ଅଛି ଓ କେଉଁ ଠାରେ ଅଛି ଏବଂ ତାହାର ନୀତିଭୋଗ ଲାଗିବା ପାଇଁ ଜମିର ପରିମାଣ କେତେ ଅଛି, ସେଥିମଧ୍ୟରେ କେତେ ଜମି ଜବର ଦଖଲ କରିଛନ୍ତି ?

----

## ଅଙ୍ଗନବାଡି କେନ୍ଦ୍ରରେ ନିମ୍ନମାନ ଖାଦ୍ୟ ଯୋଗାଇବା

2234 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ କେତୋଟି ଅଙ୍ଗନୱାଡି କେନ୍ଦ୍ର ଅଛି, ସେହି ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ନିମ୍ନମାନର ହେଉଥିବାର ଅଭିଯୋଗ ସତ୍ୟ କି, ଯଦି ସତ୍ୟ ସେଥି ପାଇଁ କଣ କଣ ପଦକ୍ଷେପ ନେଇଛନ୍ତି, (ଖ)ଜିଲ୍ଲାରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ସମ୍ପୂର୍ଣ୍ଣ ଶିକ୍ଷୟତ୍ରୀ (ଅଙ୍ଗନୱାଡି ସାଷ୍ଟରାଣୀ) ଅନେକ ପରିମାଣରେ ନାହିଁ ବୋଲି ଅଭିଯୋଗ ଆସୁଅଛି ସେହି ଅଭିଯୋଗ ଅନୁସାରେ ତଦାରଖ କରି ଯଥାଶିଘ୍ର ଶିକ୍ଷୟତ୍ରୀ (ଅଙ୍ଗନୱାଡି ସାଷ୍ଟରାଣୀ) ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ପରିଚାଳିତ ହେଉଥିବା ଅନାଥ ଆଶ୍ରମ

2235 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ ଜିଲ୍ଲାରେ କେତେଗୋଟି ଅନାଥ ଆଶ୍ରମ କେଉଁ କେଉଁ ସଂସ୍ଥା ଜରିଆରେ ପରିଚାଳିତ ହେଉଅଛି, ସେଠାରେ କେତେଜଣ ଅନ୍ତେବାସୀ ରହୁଛନ୍ତି ଓ ଏହି ସଂସ୍ଥାମାନଙ୍କୁ ବାର୍ଷିକ କେତେ ସରକାରୀ ସହାୟତା ଦିଆଯାଉଛି, ପ୍ରକାଶ କରି ଅନାଥ ଆଶ୍ରମରେ ରହୁଥିବା ବାଳକ ବାଳିକାମାନଙ୍କୁ କେତେ ବର୍ଷ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଉଛି, ପ୍ରକାଶ କରି ବାଳିକାମାନଙ୍କ କ୍ଷେତ୍ରରେ ସେମାନଙ୍କୁ ଆତ୍ମନିଯୁକ୍ତି ଅଥବା ବିବାହ ପର୍ଯ୍ୟନ୍ତ ରଖିବାକୁ ଅନୁମତି ଦେବାକୁ ବ୍ୟବସ୍ଥା କରିବେ କି ?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

2236 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ କେତେ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପର୍ଯ୍ୟଟନ ଭିତ୍ତିଭୂମୀ ଉନ୍ନୟନ

2237 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହାନଦୀ ତଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ମହାନଦୀ ତଟର କେଉଁ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ଉନ୍ନୟନ ପାଇଁ ପଦକ୍ଷେପ ନେଇ କେତେ ଅର୍ଥ ବିନିମୟରେ କେଉଁ କେଉଁ କାର୍ଯ୍ୟ କରାଯାଉଛି ଓ ଅଧିକ ପର୍ଯ୍ୟଟନସ୍ଥଳୀ ଘୋଷଣା ପାଇଁ ବ୍ୟବସ୍ଥା କରିବେ କି ?

----

## ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ ଅନ୍ୟ କାର୍ଯ୍ୟରେ ନ ଲଗାଇବା

2238 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କୁ କେବଳ ଶିଶୁ ପରିଚର୍ଯ୍ୟା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମଣ୍ଡାପଡା ଠାରୁ ଜଗତପୁର ସଂଯୋଗ ପାଇଁ ସେତୁ ନିର୍ମାଣ

2239 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହାନଦୀ ଉପରେ ମଣ୍ଡାପଡାଠାରୁ ଜଗତପୁରଙ୍କୁ ସଂଯୋଗ ନିମନ୍ତେ ଏକ ସେତୁ ନିର୍ମାଣ ପାଇଁ OBCC ତରଫରୁ କେତେ ଟଙ୍କାର ଅଟକଳ ପ୍ରସ୍ତୁତ କରାଯାଇ DPR ପ୍ରସ୍ତୁତ ହୋଇ ସରକାରଙ୍କୁ ପ୍ରଦାନ କରାଯାଇଛି ଏହି ସେତୁ ନିର୍ମାଣ ତ୍ୱରାନ୍ୱିତ ପାଇଁ ସରକାରଙ୍କ ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମହାନଦୀ ତଟକୁ ସୌନ୍ଦର୍ଯ୍ୟ କରଣ କରିବା

**2240 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସହରର ଯୋବ୍ରାସ୍ଥିତ Martinique Museum ଠାରୁ ମହାନଦୀକୁ ଏକ ଉଡନ୍ତା ସୌନ୍ଦର୍ଯ୍ୟକରଣ ପୂର୍ବକ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ନିର୍ମାଣ ବିଭାଗକୁ ରାସ୍ତା ହସ୍ତାନ୍ତର

**2242 Miss Sanjali Murmu (Bangriposi):**

Will the Minister for **Works** be pleased to state that:- ରାଜ୍ୟରେ ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ସଡକକୁ ନିର୍ମାଣ ବିଭାଗ ଅଧିନରେ ହସ୍ତାନ୍ତର କରିବା ସକାଶେ ସରକାରଙ୍କର ସବିଶେଷ ପଦକ୍ଷେପ ଓ ନୀତି କଣ ; ମୟୁରଭଞ୍ଜ ଜିଲ୍ଲାପାଳ ଏପରି ସଡକ ହସ୍ତାନ୍ତର କରିବାକୁ କେଉଁ ବ୍ଲକରୁ କେତୋଟି ପ୍ରସ୍ତାବ ପଠାଇଛନ୍ତି ତାହା ବର୍ତ୍ତମାନ ଅନୁମୋଦନ ହେବାକୁ କେଉଁ ସ୍ତରରେ ଏବଂ କେବେ ହସ୍ତାନ୍ତର କାର୍ଯ୍ୟକାରୀ ହେବ?

----

## ରାସ୍ତା ନିର୍ମାଣ ଓ ସେତୁ ନିର୍ମାଣ ପାଇଁ Tender ଆହ୍ୱାନ

**2243 Miss Sanjali Murmu (Bangriposi):**

Will the Minister for **Works** be pleased to state that:- ବିଭାଗ ତରଫରୁ 2019 ରୁ 2024-25 ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ବ୍ୟୟ ଅଟକଳରେ କେତେ ସଂଖ୍ୟକ ନୂତନ କୋଠା ନିର୍ମାଣ, ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ, ସେତୁ ନିର୍ମାଣ ଓ ଅନ୍ୟ କେତେ ପ୍ରକଳ୍ପ ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା ସମ୍ପୃକ୍ତ କେଉଁ କ୍ଷେତ୍ର ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପ ନିମନ୍ତେ କେଉଁ ବର୍ଷ କେତେ ଅର୍ଥ ମଂଜୁର କରାଯାଇଥିଲା ଓ କେତେ ସଂଖ୍ୟକ ପ୍ରକଳ୍ପ ନିର୍ଦ୍ଧାରିତ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା ; କେତେ ପ୍ରକଳ୍ପ ନିର୍ଦ୍ଧାରିତ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ନହେବା କାରଣରୁ ଠିକା ସଂସ୍ଥାଙ୍କୁ ଜୋରିମାନା ଆଦାୟ କରାଯାଇଛି ; କେତେ ସଂଖ୍ୟକ ଠିକାସଂସ୍ଥାଙ୍କୁ କାରଣ ଦର୍ଶାଅ ନୋଟିସ୍ ଓ କେତେ ସଂଖ୍ୟକଙ୍କୁ କଳାତାଲିକାଭୁକ୍ତ ଏବଂ କେତେ ସଂଖ୍ୟକ ପ୍ରକଳ୍ପ କାର୍ଯ୍ୟକୁ ବାତିଲ୍ କରାଯାଇ ପୁନଃର୍ବାର ଟେଣ୍ଡର ଆହ୍ୱାନ କରାଯାଇଛି?

----

## ପର୍ଯ୍ୟଟନସ୍ଥଳ ମାନଙ୍କର ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ

**2244 Shri Sitansu Sekhar Mohapatra (Bhadrak):**

Will the Minister for **Deputy Chief Minister** be pleased to state that:- ଭଦ୍ରକ ନିଜ ହୃଦୟରେ ଅନେକ ଐତିହ୍ୟ, ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟ ଓ ଶତାବ୍ଦୀ ପୁରୁଣା ସାଂସ୍କୃତିକ ପରମ୍ପରାକୁ ବଜାଇ ରଖିଛି ; ସେଥିମଧ୍ୟରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପଦାଙ୍କିତ ପବିତ୍ର ସନ୍ଥନଗର, ଗୁରୁନାନକ ଦେବଜୀଙ୍କ ଦିବ୍ୟ ସ୍ପର୍ଶ ଥିବା ସଙ୍ଗତ, ସଦାବର୍ତ୍ତ ମଠ ଭଳି ପ୍ରାଚୀନ ମଠସଂସ୍କୃତି, କାଉପୁରର ଭୀମତୁଲି ଏବଂ ତ୍ରେତାଯୁଗୀୟ ଐତିହ୍ୟର ସାକ୍ଷୀ ସୀତାମାଙ୍କ ପବିତ୍ର ଦିଅରକୁଣ୍ଡ ପରି ଅନେକ ପର୍ଯ୍ୟଟନ ସମ୍ପଦ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀମାନଙ୍କର ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ, ପାରିପାର୍ଶ୍ୱିକ ଭିତ୍ତିଭୂମି ବିକାଶ ଏବଂ ପର୍ଯ୍ୟଟକ ଆଗମନ ବୃଦ୍ଧି ପାଇଁ ରାଜ୍ୟ ସରକାର ପକ୍ଷରୁ କୌଣସି ବିଶେଷ ଯୋଜନା, ଅନୁଦାନ ପ୍ରସ୍ତାବ କିମ୍ବା ସମଗ୍ର road map ରାଜ୍ୟସ୍ତରରେ ତିଆରି କରାଯାଇଛି କି?

----

## ଭଦ୍ରକ ସହରାଞ୍ଚଳରେ ଥିବା ସରକାରୀ କୋଠା ଅଚଳ

**2245 Shri Sitansu Sekhar Mohapatra (Bhadrak):**

Will the Minister for **Works** be pleased to state that:- ଭଦ୍ରକ ନିର୍ବାଚନ ମଣ୍ଡଳୀର ସହରାଞ୍ଚଳରେ କେତେଗୋଟି ସରକାରୀ କୋଠା ଅଚଳ ଭାବେ ରହିଛି ; ସେଗୁଡିକ ପୁନଃ ବ୍ୟବହାର ନିମନ୍ତେ ସରକାର ଯୋଜନା କରିଛନ୍ତି କି ; ଯଦି ହଁ, ତେବେ କେବେ ସୁଦ୍ଧା ଓ କେଉଁ କେଉଁ କାର୍ଯ୍ୟାଳୟ ଗୁଡିକ ସ୍ଥାନାନ୍ତର ନିମନ୍ତେ ଯୋଜନା ରହିଛି?

----

## ଶ୍ରୀ ବଳଦେବଜୀଉ ମନ୍ଦିର ପରିକ୍ରମା ପାଇଁ ଅର୍ଥ ମଂଜୁର

**2246 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଇଚ୍ଛାପୁରଠାରେ ବିଜେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରର ପରିକ୍ରମା ପ୍ରକଳ୍ପ ନିମନ୍ତେ ସରକାର 100 କୋଟି ମଂଜୁର ସଂକ୍ରାନ୍ତ ଖବର କାଗଜରେ ପ୍ରକାଶ ପାଇଥିବା ସମ୍ବାଦ ସତ୍ୟ କି ; ଯଦି ହଁ, ତେବେ ଏ ସଂକ୍ରାନ୍ତରେ ବିଶଦ ବିବରଣୀ ଉପସ୍ଥାପନ କରିବେ କି?

----

## ପୂର୍ତ୍ତ ବିଭାଗକୁ ରାସ୍ତା ହସ୍ତାନ୍ତର

**2247 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ଜଳ ସମ୍ପଦ ବିକାଶ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କେତେ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ନିମନ୍ତେ ନୀତିଗତ ନିଷ୍ପତ୍ତି ନେଇ ଜିଲ୍ଲା ମାନଙ୍କୁର ପ୍ରସ୍ତାବ ମାନ ପଠେ କରିବାକୁ ନିର୍ଦ୍ଦେଶ ନେଇଥିବା ସତ୍ୟ କି, (ଖ) ଯଦି ହଁ, ତେବେ ଏ ସଂକ୍ରାନ୍ତରେ କି କି ଅଗ୍ରଗତି ହୋଇଛି?

----

## ସୁଭଦ୍ରା ଯୋଜନାରେ ହିତାଧିକାରୀ ଉପକୃତ

2248 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁଭଦ୍ରା ଯୋଜନାରେ ବର୍ତ୍ତମାନ ରାଜ୍ୟରେ ସମୁଦାୟ କେତେ ସଂଖ୍ୟକ ହିତାଧିକାରୀ ଅଛନ୍ତି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) ଏହି ଯୋଜନାରେ ସାମିଲ ହେବାକୁ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଆବେଦନ ସରକାରଙ୍କ ବିଚାରାଧିନ ଅଛି, କେବେ ସୁଦ୍ଧା ବିଚାରାଧିନ ଆବେଦନକାରୀଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ?

----

## Quantum of Liquor, narcotics and drugs substances seized

2249 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- what is the Quantum of Liquor, narcotics and drugs substances have been seized by the exercise dept. on the state since June 2024 to till the date and no of persons arrested in this connection; will the Govt. furnish the details year wise ?

----

## Cases are pending state commission of women

2250 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- how many cases are pending before the State Commission of Women in the State; will the Government furnish the details of information of numbers of petitions/ cases received and disposal year wise of last 3 years ?

----

## ମହିଳା ମାନଙ୍କୁ ସଶକ୍ତି କରିବା ପାଇଁ ଅର୍ଥ ପ୍ରଦାନ

2251 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୫ ବର୍ଷ ମଧ୍ୟରେ ମହିଳା ମାନଙ୍କର ଶସକ୍ତି କରିଣ ପାଇଁ କେଉଁ କେଉଁ ଜିଲ୍ଲା ମାନଙ୍କରେ କେଉଁ ସଂସ୍ଥା ମାନଙ୍କୁ କେଉଁ କାର୍ଯ୍ୟପାଇଁ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ଅଙ୍ଗନୱାଡି କେନ୍ଦ୍ରର ନବୀକରଣ

2252 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ କେତେକ ଅଙ୍ଗନୱାଡି କେନ୍ଦ୍ରଗୁଡିକ ଭଙ୍ଗାଭଙ୍ଗି ଅବସ୍ଥାରେ ରହିଥିବା ଓ କେତେକ ଜାଗାରେ କେନ୍ଦ୍ରଗୁଡିକର ଆଦୌ ଘର ନଥିବା ସମ୍ପର୍କରେ ଅବଗତ ଅଛନ୍ତି କି, ଯଦି ହଁ, ଏହାର ଦ୍ରୁତ ନବୀକରଣ ଓ ନୂତନ କେନ୍ଦ୍ର ସ୍ଥାପନ କରିବା ପାଇଁ ପାଣ୍ଠିର ବ୍ୟବସ୍ଥା କରିବେ କି ?

----

## ଟୁରିଷ୍ଟ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ

2253 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଦିନକୁ ୫୦୦ ରୁ ଉର୍ଦ୍ଧ୍ୱ ଟୁରିଷ୍ଟ ଆସୁଥିବା ସ୍ଥଟ ବା ସ୍ଥଳୀ ନାମ/ ଠିକଣା ଟେବୁଲ ଅନୁଯାଇ ପ୍ରଦାନ କରିବେ କି, ଟୁରିଷ୍ଟ ସଂଖ୍ୟା ବୃଦ୍ଧି ଓ ଗମନାଗମନକୁ ସୁଗମ କରିବା ପାଇଁ ଓଡିଶାର ଏହି ସ୍ଥଳୀ ଗୁଡିକୁ (ନୃସିଂହନାଥ ହରିଶଙ୍କର) ସଂଯୋଗ କରୁଥିବା ରାସ୍ତା ଗୁଡିକ ୪ଥାକିଆ ରାସ୍ତାରେ ଉନ୍ନତିକରଣ କରିବା ଦିଗରେ ବିଭାଗ ବିଚାର କରିବ କି, ଏଥି ପାଇଁ ଅନ୍ତ ବିଭାଗୀୟ ସମନ୍ୱୟ କରି ନିର୍ଦ୍ଧିଷ୍ଟ ସ୍ଥଳୀ ଅନୁଯାଇ ଧାନ ଦେବେ କି ?

----

## ଅନୁମୋଦନ ପ୍ରାପ୍ତ ଅଙ୍ଗନୱାଡି କେନ୍ଦ୍ର

2254 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ଅଙ୍ଗନବାଡି କେନ୍ଦ୍ର ସଂଖ୍ୟା କେତେ, ସେଥିମଧ୍ୟରୁ ନିଜସ୍ୱ ଗୃହନଥିବା କେନ୍ଦ୍ର ସଂଖ୍ୟା କେତେ, ନିଜସ୍ୱ ଗୃହ ନିର୍ମାଣ ଯେଉଁ କାରଣରୁ ହୋଇପାରୁନାହିଁ ସେଥି ପାଇଁ ବିଭାଗ ପକ୍ଷରୁ ସମୟ ସମୟରେ କଣ ବିଶେଷ ନିର୍ଦ୍ଦେଶନାମା ଜାରି କରାଯାଉଛି, କହିବା ସହ ତାହାର ଏତଦ୍ୟ ପ୍ରଦାନ କରିବେ କି, (ଖ) ଏହି ମର୍ମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ପୌରପାଳିକା ଓ ବ୍ଲକର ସ୍ଥିତି କଣ, କେଉଁଠି କେତେ ଗୃହ ନିର୍ମାଣ ହୋଇପାରୁନାହିଁ, ସହରୀ ୱାର୍ଡ ଏବଂ ପଂଚାୟତ ୱାରି କେନ୍ଦ୍ର ଅନୁଯାଇ ଅର୍ଥର ବ୍ୟବସ୍ଥା ସହ ଏକ ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ ?

----

## Introduced any new policy

2255 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the Government has introduced any new policies or reforms to regulate the sale and distribution of alcoholic beverages in Odisha, If yes, the objectives of these policies, expected revenue impact, and measures for enforcement, & The number of excise shops, bars, and breweries operating in the State, district-wise, including licenses issued in the last three years, What steps are being taken to ensure proper compliance with Excise laws by these establishments ?

----

## ପର୍ଯ୍ୟଟନସ୍ଥଳୀର ସୋନ୍ଦର୍ଯ୍ୟକରଣ

**2256 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ବିଧାନସଭା ଏକ ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳ ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଆକର୍ଷଣ କରୁଥିବା ଅନେକ ଜଳପ୍ରପାତ ରହିଅଛି ଯଥା ଖଣ୍ଡାଧାର,ଗୋନାସିକା, ଠାରେ ପୂର୍ବତ୍ତନ ସରକାର ଙ୍କ ଦ୍ୱାରା କିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାହୋଇଅଛି ତଥାପି ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ର ଆବଶ୍ୟକ ଅଛି ଏଣୁ ଏଥିପ୍ରତି ଆଗକୁ କିଛି ଯୋଜନା କରିଛନ୍ତି କି, ସେମିତି ଟେଣ୍ଟେଇନାଳି, ପୁଟୁଘର ଜଳପ୍ରପାତ ର କୌଣସି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାହୋଇନାହିଁ କିନ୍ତୁ ତାହା ପର୍ଯ୍ୟଟନ ସ୍ଥଳ ର ମାନ୍ୟତା ପାଇସାରିଛି ଏଣୁ ସରକାର ଉପରୋକ୍ତ ପର୍ଯ୍ୟଟନ ସ୍ଥାନ ର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ଯୋଜନା କରିଛନ୍ତି କି ?

----

## ନିର୍ମାଣ ବିଭାଗର ଉନ୍ନତି ମୂଳକ କାର୍ଯ୍ୟ

**2257 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଂଶପାଳ ତେଲକୋଇ ହରିଚନ୍ଦନପୁର ବ୍ଲକ ଅଞ୍ଚଳ ରେ PWD ବିଭାଗ ତରଫରୁ କେଉଁ ସବୁ ଉନ୍ନତି ମୂଳକ ପ୍ରକଳ୍ପ କାର୍ଯ୍ୟ ହୋଇଅଛି ଓ କେଉଁ ସବୁ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟରତ ଅଛି ଓ କେଉଁ ସବୁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ସରିଅଛି ତାହାର ସର୍ବିଶେଷ ତଥ୍ୟ ଯେମିତିକି ପ୍ରକଳ୍ପର ମୂଲ୍ୟ ପ୍ରକଳ୍ପର Agency ର ନାମ ଓ କେଉଁ ସବୁ ପ୍ରକଳ୍ପ ର କାର୍ଯ୍ୟ ସମ୍ପାଦନ ପରେ କାର୍ଯ୍ୟ ର ମୂଲ୍ୟ ପ୍ରଦାନ କରାହୋଇଅଛି ଓ କେତେ କାର୍ଯ୍ୟ ସମ୍ପାଦନ ପରେ କାର୍ଯ୍ୟ ର ମୂଲ୍ୟ ପ୍ରଦାନ ହୋଇନାହିଁ ?

----

## ଅଙ୍ଗନୱାଡ଼ି କେନ୍ଦ୍ରଟିକୁ ପୁନଃ ନିର୍ମାଣ

**2258 Shri Uma Charan Mallick (Phulbani):**

Will the Minister for **Deputy Chief Minister** be pleased to state that:- କ୍ରାଣ୍ଡିବାଲି ପଞ୍ଚାୟତରେ ଥିବା ଅଙ୍ଗନବାଡି କେନ୍ଦ୍ରଟିକୁ ପୁନଃ ନିର୍ମାଣ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଦିଆଯାଇଥିବାରୁ, ଅଙ୍ଗନବାଡି କେନ୍ଦ୍ରଟି ବର୍ତ୍ତମାନ ପଞ୍ଚାୟତ ଅଫିସରେ କାର୍ଯ୍ୟ କରୁଛି ଏହି ଅଙ୍ଗନବାଡି କେନ୍ଦ୍ରଟିକୁ ନୂତନ ଜାଗାରେ କେବେସୁଧା ନିର୍ମାଣ କରାଯାଇ କାର୍ଯ୍ୟକାରୀ କରାଯିବ ?

----

## ନିର୍ମାଣଧୀନ ସେତୁ କାର୍ଯ୍ୟ ସମାପ୍ତ କରିବା

**2259 Smt. Subasini Jena (Basta):**

Will the Minister for **Works** be pleased to state that:- ଗତ ୩୦/୧୧/୨୦୨୪ ତାରିଖ ଅଣତାରକା ପ୍ରଶ୍ନ ସଂଖ୍ୟା -୯୯୦ ର ଉତ୍ତର ପରୀପ୍ରେକ୍ଷୀର ଆନ୍ତଃରାଜ୍ୟ ଗମନାଗମନର ସୁବିଧା ପାଇଁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଜାମକୁଣ୍ଡାର ପଛେଇଠାରେ ସୁବର୍ଣ୍ଣରେଖା ନଦୀ ଉପରେ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ପୋଲ କାର୍ଯ୍ୟ ଶେଷ ହେବାର ସମ୍ଭାବ୍ୟ ଧାର୍ଯ୍ୟ ତା ୩୦.୦୯.୨୦୨୫ ରିଖ ରଖାଯାଇଅଛି ବୋଲି ଉଲ୍ଲେଖ ହୋଇଅଛି କିନ୍ତୁ ଅଦ୍ୟାବଧି ପୋଲ କାର୍ଯ୍ୟ ସରି ନାହିଁ ତେଣୁ କେବେ ସୁଦ୍ଧା ପୋଲ କାର୍ଯ୍ୟ ଶେଷ ହୋଇ ଜନସାଧାରଣଙ୍କ ବ୍ୟବହାର ଉଦ୍ଦେଶ୍ୟରେ ସମର୍ପିତ ହେବ ?

----

### Construction & Development of Roads Bridges

**2260 Shri Rupesh Kumar Panigrahi (Paralakhemundi):**

Will the Minister for **Works** be pleased to state that:- A Total Of 29,596.917 Km Of Roads were under the Works Department As Of 2024, Out Of These, How many Kilometres of Roads have Seen taken over by Work Department from other Departments In Gajapati District; Detailed Information be Provided; For the construction and development of Roads Bridges, And Government Quarters under the Works Department In Gajapati District; How Much Funding has been alocated In the current Financial Year?

----

### ଅଙ୍ଗନୱାଡ଼ି କେନ୍ଦ୍ର ନିଜସ୍ୱ ଗୃହ ଓ ଜଳଯୋଗାଣ ଓ Compound Wall ସୁବିଧା

**2261 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ୬୪୮ ଟି ଅଙ୍ଗନୱାଡ଼ି Centre ରୁ କେତୋଟି ନିଜସ୍ୱ ଗୃହ ଅଛି ସେ ଗୃହ ଗୁଡ଼ିକରୁ କେତୋଟି ଗୃହରେ ନିଜସ୍ୱ ଜଳଯୋଗାଣ ବିଦ୍ୟୁତ Latrin, Compound Wall ଇତ୍ୟାଦି ସୁବିଧା ଅଛି ଓ କେତୋଟିରେ ଏସବୁ ସୁବିଧା ନାହିଁ; ମୌଳିକ ସୁବିଧାରୁ ବାଦ ପଡ଼ିଥିବା କେନ୍ଦ୍ରଗୁଡ଼ିକୁ କେବେ ସୁଦ୍ଧା ଉକ୍ତ ମୌଳିକ ସୁବିଧାମାନ କରିବେ ?

----

### Proposal for Economic Panthashala in Balimela NAC

**2262 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. take the proposal for an Economic Panthashala in Balimela NAC keeping in mind the needs of the region?

----

## ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ଦେବା

**2263 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ୨୦୧୧ ମସିହାଠାରୁ କେତେ ଜଣ କର୍ମଚାରୀ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ହୋଇଛନ୍ତି ଏବଂ ସରକାରଙ୍କ ନିୟମାବଳୀ ଅନୁସାରେ ସେମାନଙ୍କର କେତେ ଥର ଦରମା ବୃଦ୍ଧି ହେବା କଥା ଓ କେତେ ବୃଦ୍ଧି ହୋଇଛି ତାହାର ଏକ ବିବରଣୀ ପ୍ରଦାନ କରିବେ କି; ଏଥିସହିତ ୨୦୨୪ ମସିହାରେ ଘୋଷଣା ହୋଇଥିବା ଅଭିଜ୍ଞତା ପାରିଶ୍ରମିକ ଉକ୍ତ କର୍ମଚାରୀମାନେ ପାଇଛନ୍ତି କି; ଯଦି ନିୟମ ଅନୁସାରେ ଦରମା ବୃଦ୍ଧି କିମ୍ବା ଅଭିଜ୍ଞତା ପାରିଶ୍ରମିକ ପାଇନାହାନ୍ତି ତେବେ ସରକାର ସେମାନଙ୍କ ପାଇଁ କଣ ପଦକ୍ଷେପ ନେଇଛନ୍ତି ଓ ତାହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## କୁତ୍ରା ଗ୍ରାମ ନିକଟରେ fly over bridge ଓ By Pass ନିର୍ମାଣ

**2264 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ କାଳରେ ପ୍ରଶ୍ନ ସଂଖ୍ୟା U.D. 5520 ତା.୨୯.୦୩.୨୦୨୫ରିଖରେ ପଚରାଯାଇ ଥିବା ପ୍ରଶ୍ନର ଉତ୍ତରରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର କୁତ୍ରା ଗ୍ରାମ ନିକଟରେ Fly Over Bridge ଏବଂ By Pass ରାସ୍ତା ନିର୍ମାଣ ପାଇଁ feasibility study କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ବର୍ତ୍ତମାନ ସେଇ feasibility reportର status କଣ; ଏବଂ କେବେସୁଦ୍ଧା ସରକାର ଉକ୍ତ ଯାଗାରେ Fly Over Bridge ଏବଂ By Pass ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ?

----

## ମା ସୁରେଶ୍ୱରୀ ଦେବୀଙ୍କ ଜମି ବେଆଇନ ବିକ୍ରି ଖରିଦି

**2265 ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଶ୍ଚିମ ଓଡିଶାର ଅନ୍ୟତମ ମନ୍ଦିର ମାଳିନୀ ସହର ହେଉଛି ସୁବର୍ଣ୍ଣପୁର (ସୋନପୁର) ସୋନପୁରର ଅଧିଷ୍ଠିତ ଦେବୀ ହେଉଛନ୍ତି ମା ସୁରେଶ୍ୱରୀ; ମା ସୁରେଶ୍ୱରୀଙ୍କର ମୂଲ୍ୟବାନ ଜମି ଉପରେ ମଧ୍ୟ କେତେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି; ଚଞ୍ଚକତା ପୂର୍ବକ ମା'ଙ୍କର ଜମିକୁ ମାଫିଆମାନେ ଖରିଦ କରି ତାକୁ ବିଧର୍ମୀ ଦଲାଲମାନଙ୍କ ଜରିଆରେ ବିକ୍ରି କରି ବିପୁଳ ଅର୍ଥ ରୋଜଗାର କରିଛନ୍ତି; ମା ସୁରେଶ୍ୱରୀ ଦେବୀଙ୍କ ଏହି ବେଆଇନ ଜମି ଖରିଦ ବିକ୍ରି ସକ୍ରାନ୍ତରେ ଅବଗତ ଅଛି କି; ଯଦି ହଁ ତେବେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

## ବାହାର ରାଜ୍ୟରେ ଥିବା ଜଗନ୍ନାଥଙ୍କ ଜମି ଜବରଦଖଲମୁକ୍ତ କରିବା

**2266 ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାପ୍ରଭୁ ଜଗନ୍ନାଥଙ୍କର କେତେ ଜମି ରାଜ୍ୟ ଓ ରାଜ୍ୟ ବାହାରେ ରହିଛି, କେତେ ଜମି ଜବରଦଖଲ ହୋଇଛି, ଜବରଦଖଲ ଜମିକୁ ଫେରାଇ ଆଣିବା ପାଇଁ ଆଇନ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜସ୍ୱ ବିଭାଗ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ନିକଟରେ ମାନ୍ୟବର ଓଡିଶା ହାଇକୋର୍ଟ ମହାପ୍ରଭୁ ଜଗନ୍ନାଥଙ୍କ ଜବରଦଖଲ ହୋଇଥିବା ମୂଲ୍ୟବାନ ଜମି ଫେରାଇ ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ, ମାନ୍ୟବର ହାଇକୋର୍ଟଙ୍କ ରାୟ ପରେ ରାଜ୍ୟ ସରକାର ଜମି ଫେରସ୍ତ ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଛତୁଆ ଯୋଗାଉଥିବା ସଂସ୍ଥା

**2267 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭାଗ ଦ୍ୱାରା କି କି କାର୍ଯ୍ୟ କରାଯାଉଅଛି ତାହାର ତାଲିକା ପ୍ରଦାନ କରିବେ କି; ଛତୁଆ କେଉଁମାନେ ପ୍ରଦାନ କରୁଛନ୍ତି, କେନ୍ଦ୍ରୱାରୀ ଜଣାଇବାସହ କେତେ ପରିମାଣର ଯୋଗାଉଛନ୍ତି ?

----

## ରାସ୍ତାରେ ବାଲି, ଗୋଡି, ପଥର ଓ ମାଟି ଜମା ହେବା

**2268 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବାଲିମେଳା ଛକଠାରୁ ଚିତ୍ରକୋଣ୍ଡା ରାସ୍ତାରେ ଅନେକ ସ୍ଥାନରେ ଝରଣା ପାଣି ସହ ବାଲି, ଗୋଡି, ପଥର ଓ ମାଟି ବୋହି ଆସି ରାସ୍ତାରେ ଜମା ହୋଇ ରାସ୍ତା ଖରାପ ହେଉଥିବାରୁ ଛୋଟ ବଡ ଦୁର୍ଘଟଣା ହେଉଥିବା ସରକାର ଅବଗତ ଅଚନ୍ତି କି, ଯଦି ହଁ, ଏହି ସ୍ଥାନମାନଙ୍କରେ ରାାସ୍ତାରେ ପାଣି ବୋହି ପଥର ଗୋଡି ନ ଆସିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଆନନ୍ଦପୁର ଡ଼ଙ୍ଗା ଘାଟ ଠାରେ ଏକ ଝୁଲା ପୋଲ ନିର୍ମାଣ

**2269 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ବସ ଷ୍ଟାଣ୍ଡ ରୁ ଘସିପୁରା ବସ ଷ୍ଟାଣ୍ଡ କୁ ଯିବା ଆସିବା ପାଇଁ ସାଧାରଣ ଯାତ୍ରୀ ମାନଙ୍କୁ ଅନେକ ରାସ୍ତା ଅତିକ୍ରମ କରି ଯିବାକୁ ପଡୁଛି ତେଣୁ ସାଧାରଣ ଲୋକ ମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଏହାକୁ ଦୃଷ୍ଟିରେ ରଖ୍ ସରକାର ବୈତରଣୀ ନଦୀ ଉପରେ ଆନନ୍ଦପୁର ଡ଼ଙ୍ଗା ଘାଟ ଠାରେ ଏକ ଝୁଲା ପୋଲ ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ରାସ୍ତା ନିର୍ମାଣ DPR ମଞ୍ଜୁରୀ

**2270 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ମରେଇଗାଁ ଠାରୁ ବଳିପୁର ପର୍ଯ୍ୟନ୍ତ ଥିବା ବାରିକ ମିସ୍ତ୍ରୀ (ବନ୍ଧ) ରାସ୍ତାଟିରେ ପାଞ୍ଚଟି ପଞ୍ଚାୟତର ୩୦ ରୁ ଉର୍ଦ୍ଧ୍ୱ ଗ୍ରାମର ତଥା ୪୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିବା ସରକାର ଜାଣନ୍ତି କି, ସ୍କୁଲ, କଲେଜ ଠାରୁ ଆରମ୍ଭ କରି ମେଡିକାଲ ଯିବା ନିମନ୍ତେ ଏହି ରାସ୍ତାଟି ଉପରେ ଲୋକମାନେ ନିର୍ଭର କରନ୍ତି ରାସ୍ତାଟି ଦୀର୍ଘଦିନ ହେବ ମରାମତି ଅଭାବରୁ ବର୍ତ୍ତମାନ ଗମନା ଗମନ ଅନୁପଯୁକ୍ତ ସାଧାରଣ ଲୋକଙ୍କ ପାଇଁ ଏହା ଏକ ଯମ ଯନ୍ତ୍ରଣା ପାଲଟିଛି , ବର୍ତ୍ତମାନ ସ୍ଥିତି କଣ ଏବଂ ଆକଳନ DPR ପ୍ରସ୍ତୁତି ମଞ୍ଜୁରୀ ହୋଇଛି କି ନାହିଁ ଏବଂ ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା Tender ହେବ ?

----

### Plans for cross-promotion of Hindu and Buddhist festival

**2271 Shri Om Prakash Mishra (Satyabadi):**

Will the Minister for **Deputy Chief Minister** be pleased to state that:- (a) Whether Satyabadi, with Sakshi Gopal's Krishna-Radha tradition and proximity to Puri's Buddhist trail, is under consideration for inclusion in Government's proposed Religious Heritage Circuit project, (b) Expert assessments available on the cultural and tourism potential of integrating Satyabadi into existing heritage circuits. (c) Plans for cross-promotion of Hindu and Buddhist festivals in Satyabadi ?

----

### Dredging works under DOAB-VII

**2272 Shri Om Prakash Mishra (Satyabadi):**

Will the Minister for **Works** be pleased to state that:- Whether dredging works under DOAB-VII scheme on the Daya River (from RD 18615m at Botalama to 4080m at Tirimal Bridge) and Luna River (from RD 00km at Badagotha to 17.50km at Madhipur) in Kanas Block of Satyabadi constituency have commenced as per the tender issued in August 2025, (b) If yes, what is the current progress percentage and expected completion timeline, whether a comprehensive quality assurance mechanism has been established to prevent substandard work, particularly given recent complaints of poor dredging quality in other districts, what measures are being taken to ensure these projects, valued at approximately $26.93 ore (Luna River) and 16.66 crore (Daya River), directly benefit local communities through improved ater availability and flood management during monsoon season?

----

### SHG ଗୋଷ୍ଠୀ ମାଧ୍ୟମରେ ମହିଳା ସଦସ୍ୟ ସାମିଲ

**2273 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2023-24 ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟରେ କେତେ-SHG ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କେତେ ମହିଳା ସଦସ୍ୟ ସାମିଲ ଥିଲେ, ଏହି SHG ସଂଗଠନ ଗୁଡିକୁ କେତେ ଟଙ୍କାର ଆର୍ଥିକ ଋଣ/ସହାୟତା ଦିଆଯାଉଥିଲା ଜଣାଇବେ କି, 2024-25 ଓ 2024-26 ଆର୍ଥିକ ବର୍ଷ ସର୍ବମୋଟ କେତେ SHG ସରକାର କେତେ ଆର୍ଥିକ ଋଣ/ସହାୟତା ଦେଇ କେତେ ମହିଳାଙ୍କୁ "ଉଦଯୋଗୀ" କରିବାରେ ସଫଳ ହୋଇଛନ୍ତି ?

----

## ସମଲେଇ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ

**2274 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମାଙ୍କ ମନ୍ଦିରର ଉନ୍ନତି ପାଇଁ ସମଲେଇ ପ୍ରକଳ୍ପର କେବେ ଶିଳାନ୍ୟାସ ହୋଇଥିଲା, ଏହି ପ୍ରକଳ୍ପ ସର୍ବମୋଟ ବ୍ୟୟ ଅଟକଳ କେତେ ଓ କେଉଁ କେଉଁ କାମ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, (ଖ) ସମଲେଇ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ କେଉଁ ସଂସ୍ଥା ଦ୍ୱାରା କରାଯାଇଛି ?

----

## ମଠ ମନ୍ଦିର ନାମରେ ଥିବା ଜମି

**2275 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ଥିବା ସମସ୍ତ ମଠ ଓ ମନ୍ଦିର ନାମରେ ଥିବା ଜମି ଏବଂ ସମ୍ପତ୍ତିର ତଥ୍ୟ ପ୍ରଦାନ କରିବେ କି, ଉକ୍ତ ଜମି ଓ ସମ୍ପରି କେଉଁ କେଉଁ ମୌଜାରେ ଅବସ୍ଥିତ ତାର ତହସିଲ ୱାରି ତଥ୍ୟ ପ୍ରଦାନ କରିବେ କି, ଏହି ଜମି ଓ ସମ୍ପତ୍ତି କାହା ମାଫତଦାରରେ ରହିଛି ଏବଂ ସେମାନେ ସରକାରଙ୍କୁ କେତେ ରାଜସ୍ୱ ପ୍ରଦାନ କରୁଛନ୍ତି, ଜିଲ୍ଲାରେ ଥିବା ମଠ ଓ ମନ୍ଦିରର ଜମି ଓ ସମ୍ପତ୍ତିକୁ କେଉଁ ବ୍ୟକ୍ତିବିଶେଷ / ଅନୁଷ୍ଠାନ ଜବରଦଖଲ କରିଛନ୍ତି ତାର ତହସିଲ ୱାରି ତଥ୍ୟ ପ୍ରଦାନ କରିବେ କି, ଉକ୍ତ ଜମି ଓ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରିବା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବ କି ?

----

## Development of Sidheswar Temple

**2276 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Does Govt. have any proposals for development of Sidheswar Temple and Tourism site at Naraj in Baranga Block in Cuttack District ?

----

## ପୁରାତନ ମନ୍ଦିର ପୁନରୁଦ୍ଧାର

**2277 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସର୍ବମୋଟ କେତୋଟି ଛୋଟ ବଡ ମନ୍ଦିର ରହିଅଛି ଏବଂ ତାହାର ରକ୍ଷଣା ବେକ୍ଷଣ ପାଇଁ ସରକାର ବାର୍ଷିକ କେତେ ଟଙ୍କା ମଞ୍ଜୁର କରନ୍ତି, ଏବଂ ଗତ ଆର୍ଥିକ ବର୍ଷ ସେଥିରୁ କେତେ ଖର୍ଚ୍ଚ ହୋଇଅଛି, ମଞ୍ଜୁରପ୍ରାପ୍ତ ଟଙ୍କା ଠିକ୍ ସମୟରେ ଉପଯୋଗ ହୋଇନଥିବା ସତ୍ୟ ଅଟେ କି, ଯଦି 'ହଁ' ତାହାର କାରଣ କ'ଣ, ପୁରାତନ ମନ୍ଦିର ମାନଙ୍କର ପୁନଃଉଦ୍ଧାର ପାଇଁ ସରକାର କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଏକାମ୍ର ପ୍ରକଳ୍ପ ନିର୍ମାଣର ସ୍ଥିତି

2278 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଏକାମ୍ର ପ୍ରକଳ୍ପ ନିର୍ମାଣର କେବେ ଓ କାହାଦ୍ୱାରା ଶିଳାନ୍ୟାସ ହୋଇଥିଲା ଏହାର ଜମି ଅଧିଗ୍ରହଣ ବ୍ୟତୀତ ଅନ୍ୟାନ୍ୟ କେଉଁ କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ବରାଦ ହୋଇଥିଲା, ପ୍ରକଳ୍ପ ନିର୍ମାଣ ଆରମ୍ଭରୁ କେଉଁ ବର୍ଷ କଣ କଣ ନିର୍ମାଣ ହୋଇଛି, (ଖ) ଏକାମ୍ର ପ୍ରକଳ୍ପର ନିର୍ମାଣ କାମ ଦାୟିତ୍ୱ କେଉଁ ସଂସ୍ଥାକୁ ଦିଆଯାଇଛି ଓ ପ୍ରକଳ୍ପ ନିର୍ମାଣ ଅଗ୍ରଗତି ସ୍ଥିତି ସମ୍ପର୍କରେ ଜଣାଇବେ କି ?

----

## ମନ୍ଦଗିରିକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା

2279 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରିନ୍ତଲେଇ ପଞ୍ଚାୟତର ମନ୍ଦରଗିରିକୁ ପର୍ଯ୍ୟଟନ ସ୍ଥଳି ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଓ ଏହା ପାଇଁ ଅର୍ଥ ବରାଦ ହୋଇଛି କି ନାହିଁ ?

----

## ପାଉଁସିଆ ବନ୍ଦର ଉନ୍ନତି କରଣ

2280 **ଶ୍ରୀ ସନାତନ ବିଜୁଳି (ବଡସାହି)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡସାହି ନିର୍ବାଚନ ମଣ୍ଡଳୀରେ କୁଚୁକା ଖୁଣ୍ଟା ପଞ୍ଚାୟତରେ ପାଉଁସିଆ ବନ୍ଧ ଥିବାର ଖବର ସରକରଙ୍କ ପାଖରେ ଅଛି କି ପ୍ରତି ଦିନ ସେଠାକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ମାନେ ଆସନ୍ତି ସେହି ବନ୍ଧର ଥିବା ପାଣିକୁ ଉନ୍ନତ ମାନର ଆକର୍ଷଣିୟ କରି ପର୍ଯ୍ୟଟନ ସ୍ଥଳି କରିବା ପାଇଁ କିଛି ବନ୍ଦବସ୍ତ କରିବେ କି, ପାଇଁସିଆ ବନ୍ଧ କୁ ବିଭାଗଦ୍ୱାରା Inquiry କରି ତାର ଉନ୍ନତ ପାଇଁ କିଛି ଠୋସ୍ ପଦକ୍ଷେପ ନେବେ କି ?

----

## ନାଗାବଳୀ ଉପର ଥିବା ଝୁଲାପୋଲର ମରାମତି

2281 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ନାଗାବଳୀ ନଦୀ ଉପର ଝୁଲାପୋଲର ଅବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଆସି ପହଞ୍ଚିଛି, ସହର ସମେତ ରାଜ୍ୟ ଏବଂ ରାଜ୍ୟବାହାରୁ ପର୍ଯ୍ୟଟକ ଆସି ଖୁବ ଉପଭୋଗ କରିଥାନ୍ତି, ଗତ କିଛି ବର୍ଷ ଧରି ଏହି ପୋଲ ମରାମତି ଆବଶ୍ୟକ କରୁଥିବା ବେଳେ ସୁରକ୍ଷା ବ୍ୟବସ୍ଥାର ଅଭାବରୁ ଲୋକଙ୍କ ପ୍ରାଣ ହାନି ମଧ୍ୟ ହେଉଛି, ମରାମତି ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସରକାରଙ୍କ ଯୋଜନା ରହିଛି କି ?

----

## ମଦ ମୃତ୍ୟୁ ମାମଲା

**2282 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଷମକଟକ ନିର୍ବାଚନ ମଣ୍ଡଳୀରେ ଦେଶୀ ଭାଟି ଗୁଡିକର ପୋଚରେ ମେନ୍ୟୁଫେକଚର ଡେଟ, ଏକ୍ସପାଇରୀ ଡେଟ ରହୁନି, ଅବକାରୀ ବିଭାଗ ଏହି ମଦ ଭାଟି ଗୁଡିକର ସିୱେଜ, ପରିମଳ ତଥା ବର୍ଜ୍ୟଜଳ ନିଷ୍କାସନ ଓ ମଦ ପ୍ରସ୍ତୁତି ପ୍ରତି ଗୁରୁତ୍ୱ ଦେଉନାହାନ୍ତି ଯାହାଦ୍ୱାରା ବିଷାକ୍ତ ମଦ ଓ ମଦ ମୃତ୍ୟୁ ଏକ ପ୍ରଧାନ କାରଣ ହୋଇଛି, ଉପରୋକ୍ତ ବିଷୟ ପ୍ରତି ଗୁରୁତ୍ୱ ଦେଇ ବିହିତ ପ୍ରତିକାର କରିବେ କି?

----

## ମନ୍ଦିରର ଉନ୍ନତିକରଣ

**2283 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ବଳଦେବ ଜୀଉ ମନ୍ଦିର ଏବଂ ମା ତାରିଣୀ ଘଟଗାଁ ମନ୍ଦିରକୁ ଉନ୍ନତିକରଣ କରିବା ପାଇଁ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଦିଆଗଲାଣି ଏବଂ ସେହି ଅର୍ଥରେ କଣ କଣ କାର୍ଯ୍ୟ ଅଦ୍ୟାବଧି ହୋଇପାରିଛି କିମ୍ବା ମନ୍ଦିରର ଅନ୍ୟ କେଉଁ କେଉଁ କାମ ବାକି ଅଛି ତାହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ?

----

## ମିଶନ ଶକ୍ତି ମହିଳାଙ୍କୁ ପ୍ରୋତ୍ସାହନ

**2284 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳରେ କେତୋଟି ମିଶନ ଶକ୍ତି ବଜାର ସରକାର ଖୋଲିଛନ୍ତି ଏବଂ ସେଥିରେ କେଉଁ କେଉଁ ଜିନିଷ ତିଆରି କରି ବିକ୍ରୟ କରୁଛନ୍ତି, ସେଥିମଧ୍ୟରୁ କେତେ ମିଶନ ଶକ୍ତି ମହିଳା ଲାଭବାନ ହୋଇଛନ୍ତି କିମ୍ବା କ୍ଷତିରେ ତାଙ୍କ ବେପାର ଚାଲିଛି ବା ସରକାର କେଉଁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଲେ ମିଶନ ଶକ୍ତି ମହିଳା ଅଧିକ ଲାଭବାନ ହେବେ?

----

## ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ

**2285 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ମୁର୍ଗା ମହାଦେବ ଓ କେଶରୀ କୁଣ୍ଡ ତୀର୍ଥ ସ୍ଥଳୀ ହୋଇଥିବାରୁ ଦୈନନ୍ଦିନ ଶହ ଶହ ଲୋକ ଠାକୁର ଦର୍ଶନ ନିମନ୍ତେ ଏଠାକୁ ଆସୁଥିଲେ ସୁଦ୍ଧା ପର୍ଯ୍ୟଟନ ସ୍ଥଳୀକୁ ସରକାର ଅଧିକ ଗୁରୁତ୍ୱ ଦେଇ ନଥିବାରୁ ଭକ୍ତମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସତ୍ୟ କି ; ସରକାର ଉକ୍ତ ଦର୍ଶନ ସ୍ଥଳୀ ଦୁଇଟିକୁ ଅର୍ଥ ବରାଦ କରି ତାହାର ସୌନ୍ଦର୍ଯ୍ୟକରଣ କରି ଭକ୍ତଙ୍କ ନିମନ୍ତେ ସୁବ୍ୟବସ୍ଥା କରିବେ କି?

----

## ଅବକାରୀ ରାଜସ୍ୱ ଆୟ

2286 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରୁ ସରକାର ମହୁଲି ମଦ, ଠିପି ଖୋଲା ଓ ଠିପି ବନ୍ଦ ମଦ ମାଧ୍ୟମରେ ଅବକାରୀ ବିଭାଗ କେତେ ରାଜସ୍ୱ 2022-23 ରୁ 2024-2025 ରେ ରାଜସ୍ୱ ଆଦାୟ କରିଛନ୍ତି ଏବଂ ଚଳିତ ବର୍ଷ ଅବକାରୀ ବିଭାଗ ତରଫରୁ କେତେ ରାଜସ୍ୱ ପାଇବା ନିମନ୍ତେ ଯୋଜନା କରିଛନ୍ତି?

----

## ରାସ୍ତା ମରାମତି

2287 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସ୍ଥିତ ଯୋଡା Flyover ବ୍ରିଜ୍ ଅତି ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ଭାଙ୍ଗି ଯାଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ ସେହି ରାସ୍ତାଟି ଯଥା ଶୀଘ୍ର ମରାମତି କରିବା ପାଇଁ ପଦକ୍ଷେପ ନେବେ କି?

----

## ମଦ୍ୟପଙ୍କ ସଂଖ୍ୟା

2288 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ଶତାଂଶ ବ୍ୟକ୍ତି ମଦ୍ୟପାନ କରୁଛନ୍ତି, ତନ୍ମଧ୍ୟରୁ ମହିଳାଙ୍କ ସଂଖ୍ୟା କେତେ, ରାଜ୍ୟରେ ମଦ୍ୟପଙ୍କ ସଂଖ୍ୟାରେ ବିଗତ ତିନିବର୍ଷରେ କେତେ ଶତାଂଶ ହୋଇ ବୃଦ୍ଧି ହୋଇଛି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ମଦ୍ୟପମାନଙ୍କୁ ନିଶା ପ୍ରବଣତାରୁ ଦୂରେଇବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପାରିଶ୍ରମିକ ପ୍ରଦାନ ସମ୍ପର୍କରେ

2289 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ କର୍ମରେ ନିୟୋଜିତ ମହିଳାମାନଙ୍କୁ ୬ ମାସ ପ୍ରସୂତିକାଳୀନ ଛୁଟୀ ମିଳୁଥିବାବେଳେ ଅଣପଞ୍ଜିକୃତ ଶ୍ରମଜୀବ କୃଷିଶ୍ରମିକ, ନିର୍ମାଣ ଶ୍ରମିକ ଓ ଅନ୍ୟବର୍ଗର ମହିଳା ଶ୍ରମିକମାନଙ୍କୁ ପ୍ରସୂତି ନିମନ୍ତେ ୬ ମାସର ପାରିଶ୍ରମିକ ସରକାରଙ୍କ ତରଫରୁ ପ୍ରଦାନ ପାଇଁ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଅଦାଲତ୍ ଅବମାନନା ଅଭିଯୋଗ

2290 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ବିଭାଗୀୟ ସଚିବ ଓ କେଉଁ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କେତୋଟି ଅଦାଲତ ଅବମାନନା ଅଭିଯୋଗ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦାଏର ହୋଇଛି ପ୍ରକାଶ କରି ଅଦାଲତ ନିର୍ଦ୍ଦେଶନାମାର ଅନୁପାଳନ ପାଇଁ କି ପଦକ୍ଷେପ ନିଆଯାଉଛି?

----

## ଠାକୁରଙ୍କ ଜମି ଫେରାଇ ଆଣିବାକୁ ପଦକ୍ଷେପ

2291 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାରେ ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ବିଜେ ଏକାମ୍ରକ୍ଷେତ୍ର, ଭୁବନେଶ୍ୱର ସହିତ କେଉଁ ଦେବାଦେବୀଙ୍କର କେତେ ଭୂସମ୍ପତ୍ତି ମାର୍ଫତଦାରମାନେ ବେଆଇନ ବିକ୍ରୟ କରିଛନ୍ତି, ଲିଜ ଦେଇଛନ୍ତି ପ୍ରକାଶ କରି ଏହି ସମ୍ପତ୍ତିକୁ ଠାକୁରମାନଙ୍କୁ ଫେରସ୍ତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପିତୃ ପରିଚୟ ପ୍ରଦାନ

2292 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେତେଜଣ ଶିଶୁ ପିତୃ ପରିଚୟହୀନ ଅଛନ୍ତି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ପିତୃ ପରିଚୟହୀନ ପିଲାଙ୍କୁ ପିତୃ ପରିଚୟ ପ୍ରଦାନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ମାମଲା ଫଇସଲା ପାଇଁ ପଦକ୍ଷେପ

2293 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ଉଚ୍ଚ ନ୍ୟାୟାଳୟ ସମେତ ରାଜ୍ୟର କେଉଁ ନ୍ୟାୟାଳୟରେ କେତେଗୋଟି ମାମଲା ବିଚାରାଧିନ ଅଛି ; ବିଗତ ପାଞ୍ଚ ବର୍ଷରେ କେତୋଟି ଫଇସଲା ହୋଇଛି, ବକେୟା ମାମଲାଗୁଡିକ ଲୋକ ଅଦାଲତ ମାଧ୍ୟମରେ ଫଇସଲା ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ବ୍ରାଉନ୍ ସୁଗାର କାରବାର ରୋକିବାକୁ ପଦକ୍ଷେପ

2294 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଗତ ତିନି ବର୍ଷରେ କେତେ ପରିମାଣର ବ୍ରାଉନସୁଗାର ଜବତ କରାଯାଇ କେତେଜଣଙ୍କୁ ଗିରଫ କରାଯାଇଛି ପ୍ରକାଶ କରି ଧଳା ଜହର କବଳରୁ ଯୁବ ସମାଜକୁ ସୁରକ୍ଷା ଦେବାପାଇଁ ଏହି କାରବାର ରାଜ୍ୟରୁ ସମ୍ପୂର୍ଣ୍ଣ ବିଲୋପସାଧନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଗଞ୍ଜେଇ ଚାଷ

2295 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ପାଞ୍ଚ ବର୍ଷରେ ରାଜ୍ୟରେ କେଉଁ ଜିଲ୍ଲାର କେଉଁଠାରୁ କେତେ ପରିମାଣ ଜମିରେ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଥିବା ବେଳେ କେତେ ପରିମାଣର ଗଞ୍ଜେଇ ଧରାଯାଇଛି ପ୍ରକାଶ କରି ରାଜ୍ୟରେ ଗଞ୍ଜେଇ ଚାଷ ଓ ଗଞ୍ଜେଇ ବ୍ୟବସାୟକୁ ସମ୍ପୂର୍ଣ୍ଣ ବିଲୋପ ସାଧନ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପ୍ରକଳ୍ପ କାର୍ଯ୍ୟର ସୁସମ୍ପାଦନ ପାଇଁ ପଦକ୍ଷେପ

2296 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ସଡକ ଓ ସେତୁ ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ବିଶ୍ୱବ୍ୟାଙ୍କ, ଏସୀୟ ଉନ୍ନୟନ ବ୍ୟାଙ୍କ ଓ ନାବାର୍ଡକୁ କେତେ ଅର୍ଥ ନିମନ୍ତେ ସୁପାରିଶ କରାଯାଇଛି, ଏହି ଅର୍ଥ ଆହରଣ ପୂର୍ବକ ପ୍ରକଳ୍ପ କାର୍ଯ୍ୟ ସୁସମ୍ପାଦନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପଦକ୍ଷେପ

2297 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ରାଜ୍ୟକୁ କେତେ ବିଦେଶୀ ପର୍ଯ୍ୟଟକ ଆଗମନ କରିଛନ୍ତି ପ୍ରକାଶ କରି ବିଦେଶୀ ପର୍ଯ୍ୟଟକମାନଙ୍କୁ ରାଜ୍ୟକୁ ଆକୃଷ୍ଟ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଆସିଥିବା ପର୍ଯ୍ୟଟକଙ୍କ ସଂଖ୍ୟା

2298 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଗତ ଦେଢ ବର୍ଷ ମଧ୍ୟରେ ଓଡିଶାକୁ କେତେ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହୋଇଛି ଓ ଏ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି?

----

## ମଦମୁକ୍ତ ଓଡିଶା ପାଇଁ ନିଷ୍ପତ୍ତି

2299 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ः**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ବାର୍ଷିକ କେତେ ପରିମାଣର ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି ; ଏଥିରେ ରାଜ୍ୟ ସରକାର ବଜେଟ ରାଜସ୍ୱ ଆଦାୟ କରୁଛନ୍ତି ; ମଦ ପିଇବା ଯୋଗୁ ବାର୍ଷିକ କେତେ ଜଣଙ୍କ ପ୍ରାଣହାନି ଘଟୁଛି ; ଓଡିଶାକୁ ମଦମୁକ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ କି ଏବଂ ବର୍ତ୍ତମାନ ସୁଦ୍ଧା ଏହି ନିଷ୍ପତ୍ତି କେତେ ଦୂର କାର୍ଯ୍ୟକାରୀ ହୋଇଛି?

----

## ମିଶନ ଶକ୍ତି ମାଧ୍ୟମରେ ଉପକୃତ ମହିଳା

2300 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ः**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ; ବର୍ତ୍ତମାନ ସୁଦ୍ଧା ମିଶନ ଶକ୍ତି ଜରିଆରେ କେତେ ମହିଳା ଉପକୃତ ହୋଇଛନ୍ତି?

----

## ମାମଲାଗୁଡିକର ତୁରନ୍ତ ଫଇସଲା ପାଇଁ ପଦକ୍ଷେପ

2301 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ः**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ବିଭିନ୍ନ କୋର୍ଟରେ ବର୍ତ୍ତମାନ ସୁଦ୍ଧା କେତେ ଦେୱାନି ଓ ଫୌଜଦାରୀ ମାମଲା ବିଚାରଧୀନ ଅବସ୍ଥାରେ ପଡିରହିଛି ; ବିଳମ୍ବିତ ବିଚାର ପାଇଁ କାରଣ କଣ ; ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ପଡିରହିଥିବା ମାମଲା ଗୁଡିକର ତ୍ୱରିତ ଫଇସଲା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଅବକାରୀ ସାମଗ୍ରୀ ଜବତ୍

2302 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ः**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟରେ କେତେ ପରିମାଣର ଅବକାରୀ ସାମଗ୍ରୀ ଜବତ ହୋଇଛି ; ରେଡ୍ ବେଳେ ଅବକାରୀ ସାମଗ୍ରୀର ବେଆଇନ ବିକ୍ରି କରୁଥିବା କେତେଜଣ ମାଫିଆ ଗିରଫ ହୋଇଛନ୍ତି ଓ ଜବତ ହୋଇଥିବା ଅବକାରୀ ସାମଗ୍ରୀର ବର୍ତ୍ତମାନ୍ ସ୍ଥିତି କଣ?

----

## ଅବକାରୀ ରାଜସ୍ୱ ଆୟ

2303 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଗତ 5 ବର୍ଷ ମଧ୍ୟରେ ରାଜ୍ୟରେ ଅବକାରୀ ବିଭାଗଦ୍ୱାରା କେତେ ରାଜସ୍ୱ ଆଦାୟ ହୋଇଛି ; ଏଥିରୁ ବାଲେଶ୍ୱର ଜିଲ୍ଲାର ପରିମାଣ କେତେ ; (ଖ) ଅବକାରୀ ବିଭାଗ, ବାଲେଶ୍ୱରରେ ବର୍ତ୍ତମାନ କେତେ Excise Inspector, Sub-Inspector ଓ ଅନ୍ୟାନ୍ୟ କର୍ମଚାରୀ ପଦ ଖାଲି ଅଛି ଓ ସେ ପଦ ଗୁଡିକ କେବେ ସୁଦ୍ଧା ପୂରଣ ହେବ?

----

## ନୂତନ କୋର୍ଟ ସ୍ଥାପନ

2304 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) POCSO ଓ ମହିଳାଙ୍କ ଉପରେ ଅପରାଧ ସମ୍ବନ୍ଧୀୟ ମାମଲା ପାଇଁ ଓଡିଶାରେ କେତୋଟି ବିଶେଷ ଅଦାଲତ କାର୍ଯ୍ୟରତ ଅଛି ; ରାଜ୍ୟରେ ବୃଦ୍ଧିଶୀଳ ମାମଲା ପରିମାଣକୁ ଦେଖି ନୂତନ କୋର୍ଟ/ଫାଷ୍ଟ-ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ ଆଇନ ବିଭାଗ ଦ୍ୱାରା କୌଣସି ପ୍ରସ୍ତାବ ଅଛି କି?

----

## CSS ମାନଙ୍କ ପାରିଶ୍ରମିକ ସମ୍ପର୍କରେ

2305 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ସମସ୍ତ Community Support Staff ମାନଙ୍କ ଯେଉଁ ଦାବୀ ଥିଲା ତାକୁ ନେଇ ସରକାର କଣ ବିଚାର କରୁଛନ୍ତି ; Fix salary ଏବଂ incentive ଭିତରେ ଆର୍ଥିକ ତଥା ନୀତିଗତ କଣ ତଫାତ୍ ; CSS ମାନଙ୍କର fix ପାରିଶ୍ରମିକ ପାଇଁ ସରକାର ନିଷ୍ପତ୍ତି ନେବେ କି?

----

## ବାଲେଶ୍ୱର ଜିଲ୍ଲାରେ W & CD ବିଭାଗର କାର୍ଯ୍ୟକ୍ରମ

2306 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାରେ WCD ବିଭାଗର କଣ କଣ କାର୍ଯ୍ୟକ୍ରମମାନ ଚାଲୁଅଛି, ତାହାର ବିବରଣୀ ଆର୍ଥିକ ବ୍ୟୟବରାଦ ତଥା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ବା ଆଗକୁ ହେବା ପାଇଁ ପ୍ରସ୍ତାବ ଅଛି ?

----

## ଓଭର ବ୍ରିଜ୍ ନିର୍ମାଣ

2307 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ନିର୍ମାଣ ବିଭାଗ ଅନ୍ତର୍ଗତ ସମୟ ସୀମା ଶେଷ ପରେ ମଧ୍ୟ (EOT କୁ ନ ଧରି) କାର୍ଯ୍ୟ ସରିନଥିବା ବ୍ରିଜ ସଂଖ୍ୟା କେତେ, ଏହି ମର୍ମରେ ବାଲେଶ୍ୱର ଜିଲ୍ଲାର ସଂଖ୍ୟା ଓ ଏହା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ କହିବେ କି, (ଖ) ରୁପସା ପାଟପୁର ବଜାର ଉପରେ ନିର୍ମାଣ ବିଭାଗର ମାର୍ଗଦର୍ଶନରେ ରେଳ ବିଭାଗକୁ କୁହାଯାଇଥିବା ଓଭର ବ୍ରିଜ କାର୍ଯ୍ୟ କେତେ ଦୂର ଆଗେଇଛି, ଗତ ମାସରେ ରେଳ ବିଭାଗ ଓଡ଼ିଶାରେ ଯେଉଁ ୯୨ଟି ବ୍ରିଜ ଅନୁମୋଦନ କରିଛନ୍ତି ସେଥିରେ ରୂପସା ବ୍ରିଜ ଅଛି ?

----

## ଇକୋ-ଟୁରିଜିମ୍ ପାଇଁ ପ୍ରସ୍ତାବ

2308 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲାର ରାଉରକେଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ନଦୀ କୂଳରେ ଇକୋ- ରିଟ୍ରିଟ୍ କିମ୍ବା ସମାନ ପ୍ରାକୃତିକ ଆଧାରିତ ପର୍ଯ୍ୟଟନ ସୁବିଧା ବିକଶିତ କରାଗଲେ ପର୍ଯ୍ୟଟକ ଆକର୍ଷିତ କରିବା ସହ ପର୍ଯ୍ୟଟନକୁ ବୃଦ୍ଧି କରିବ ତେବେ ସରକାର ଇକୋ-ଟୁରିଜିମ୍ କିମ୍ବା ଇକୋ-ରିଟ୍ରିଟ୍ ମଡେଲ୍ ଅନ୍ତର୍ଗତ ଏପରି ପ୍ରୟାସ ଆରମ୍ଭ କରିବାକୁ ପଦକ୍ଷେପ ନେବେ କି ?

----

## ସହାୟତା ପରିମାଣ ବୃଦ୍ଧି

2309 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁଭଦ୍ରା ଯୋଜନା ଅଧୀନରେ ମାଆ ମାନେ ଓ ଭଉଣୀମାନେ ବର୍ତ୍ତମାନ ଦିନ ପ୍ରତି କେବଳ ୨୭ ଟଙ୍କା ସହାୟତା ପାଉଛନ୍ତି, ସରକାର ଏହି ରାଶିକୁ ଦିନ ପ୍ରତି ୧୦୦ ଟଙ୍କା ଅର୍ଥାତ୍ ବାର୍ଷିକ ୩୬,୦୦୦ ଟଙ୍କା କରି ବୃଦ୍ଧି କରିବାକୁ ପଦକ୍ଷେପ ନେବେ, ଫଳରେ ନାରୀମାନଙ୍କୁ ଅର୍ଥନୈତିକ ଭାବେ ଯଥୋଚିତ ସମ୍ମାନଜନକ ସହାୟତା ମିଳିପାରିବ, ଯଦି ନୁହେଁ, ତେବେ ଏହି ଯୋଜନାକୁ ଶକ୍ତିଶାଳୀ କରିବା ପାଇଁ କିପରି ବିକଳ୍ପ ବୃଦ୍ଧି କିମ୍ବା ପୁନଃସଂଶୋଧନ ପ୍ରସ୍ତାବ କରାଯାଇଛି କି ?

----

## Construction of Jharkhand Bhawan

2310 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- whether the construction of the Jharkhand Bhawan in Puri is currently underway; If yes, which agency or construction company has been awarded the work; Further, what are the details of other State Bhawans that are either under construction or proposed to be constructed in Puri by different State Governments?

----

### Construction of Coastal Ring Road

**2311 Shri Sarada Prasad Nayak (Rourkela):**

Will the Minister for **Works** be pleased to state that:- whether the Government is currently pursuing or has approved the construction of a coastal highway or ring-road between Rameswar and Gopalpur; If yes, provide the detailed status of the project including the proposed route alignment, estimated cost, current tendering/contracting stage, expected timeline for completion, and the implementing agency; further, did the govt. personally state that such a highway/ring-road would be built - if so, provide the date, context and the exact wording of that statement.

----

### Proposal to move towards liquor-free Odisha

**2312 Shri Sarada Prasad Nayak (Rourkela):**

Will the Minister for **Excise** be pleased to state that:- how many previously closed liquor shops in Odisha have been reopened after June 2024; Further, does the Government have any policy roadmap or proposal to move towards a liquor-free Odisha, and if so, what steps are being planned or implemented in this direction?

----

### Advocates ପାଇଁ ମୌଳିକ ସୁବିଧା ପ୍ରଦାନ

**2313 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ହାଇକୋଟରେ ଓ ଅନ୍ୟ କୋର୍ଟ୍ ଗୁଡ଼ିକରେ କାମ କରୁଥିବା Advocate ମାନଙ୍କ ପାଇଁ ସରକାର ଗୃହ ନିର୍ମାଣ, ପେନସନ୍, ସ୍ୱାସ୍ଥ୍ୟ ବୀମା ଓ ଅନ୍ୟ କୌଣସି କଲ୍ୟାଣ ମୂଳକ ଯୋଜନା କରୁଛନ୍ତି କି ?

----

### ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପର୍କରେ

**2314 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେତୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କେତୋଟି ଗାଁ ଓ ସହରରେ ରହିଛି ଓ ସେଥିରୁ କେତୋଟି କାମ କରୁଛନ୍ତି ଏବଂ ସେଥିରେ କେତେ ମହିଳା ସଭ୍ୟା ଅଛନ୍ତି ସେ ଗୋଷ୍ଠୀ ଗୁଡିକରୁ କେତୋଟି କି ପ୍ରକାର ଆଥିକ ଉତ୍ପାଦନ ଧନ୍ଦାରେ ନିୟୋଜିତ ଅଛନ୍ତି ଏବଂ ଗତ ଆର୍ଥିକ ବର୍ଷରେ ସେମାନଙ୍କର କାରବାର ଓ ଲାଭ କେତେ ହୋଇଥିଲା ଏବଂ ଚଳିତ ଆର୍ଥିକ ବର୍ଷରେ ତାହା କେତେ ହେବ ବୋଲି ଆଶଙ୍କା କରାଯାଉଛି, ସରକାର ସେମାନଙ୍କୁ କି କି ସୁବିଧା ଦେଉଛନ୍ତି ?

----

## Drugs କାରବାର ସ୍ଥିତି

2315 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ Drugs କାରବାରର ସ୍ଥିତି କ'ଣ ଓ ତାହା ନିୟନ୍ତ୍ରଣ କରିବା ଲାଗି ସରକାର କି ପଦକ୍ଷେପ ନେଉଛନ୍ତି ?

----

## ରାସ୍ତା ପ୍ରସସ୍ତିକରଣ

2316 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରର ରାସ୍ତା ପ୍ରସସ୍ତିକରଣ ଓ ପ୍ରଧାନ ରାସ୍ତା ଗୁଡିକର ବିକାଶ ଏବଂ ଟ୍ରାଫିକ୍ ଜାମ୍ କମାଇବା ପାଇଁ ନୂଆ ରାସ୍ତା ନିର୍ମାଣ ଓ Flay Over ନିର୍ମାଣ ଆଦି କ୍ଷେତ୍ରରେ କି କି ଯୋଜନା ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, Twin City ଭୁବନେଶ୍ର ଓ କଟକ ମଧ୍ୟରେ ଯାନବାହାନ ଚଳାଚଳକୁ ସୁଗମ କରିବା ଲାଗି ରାସ୍ତା ବିକାଶ କରିବା କ୍ଷେତ୍ରରେ କି ପଦକ୍ଷେପ ନିଆଯାଇଛି ?

----

## ତାରକା ହୋଟେଲ୍ ସଂଖ୍ୟା

2317 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେତୋଟି ତାରକା ହୋଟଲ୍ ଓ ଅନ୍ୟାନ୍ୟ ଧରଣର ହୋଟେଲ୍ ଏବଂ ଲଜିଂଗ୍ ରହିଛି, ଓ ସେ ସବୁର ସଜ୍ୟା ସଂଖ୍ୟା କେତେ ରାଜଧାନୀ ଭୁବନେଶ୍ୱ ଓ ପୁରୀ ସମେତ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରରେ କେତୋଟି ନୂଆ ହୋଟେଲ୍ ନିର୍ମାଣଧିନ ଅଛି ଓ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି ଏବଂ ତନ୍ମଧ୍ୟରୁ ଜାତୀୟ ତଥା ଅନ୍ତର୍ଜାତୀୟ ହୋଟେଲ୍ ଗ୍ରୁପର କୌଣସି ପ୍ରକଳ୍ପ ରହିଛି କି ଓ ଉତ୍ତର ହଁ ହୋଇଥିଲେ ସେ ସବୁର ସବିଶେଷ ତଥ୍ୟ ଦେବେ କି, ଏସବୁ ହୋଟେଲର ସଜ୍ୟା ସଂଖ୍ୟା କେତେ ଏବଂ ପ୍ରକଳ୍ପ ଗୁଡିକ କେବେ ସୁଧା ସମ୍ପୂର୍ଣ୍ଣ ହେବ ଓ ସେ ସବୁର ପ୍ରକଳ୍ପ ଅଟକଳ କେତେ ?

----

## ହରିଣ ଉଦ୍ୟାନ କରିବା ପାଇଁ ପଦକ୍ଷେପ

2318 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରାକୃତିକ ଘଞ୍ଚ ଜଙ୍ଗଲ ସହ ଅନେକ ମନୋରମ ସ୍ଥାନ ରହିଅଛି ଓ ବିଶ୍ୱ ଦରବାରରେ ଏହାର ସ୍ୱତନ୍ତ୍ର ପରିଚୟ, ଏହାର ପ୍ରଚାର ପ୍ରସାର ପାଇଁ ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ପଟ୍ଟାଙ୍ଗୀ, ନନ୍ଦପୁର କିମ୍ବା ସେମିଳିଗୁଡା ବ୍ଲକରେ ଏକ ହରିଣ ଉଦ୍ୟାମ (Dear Park) ସହ (SAFARI) କରିବା ପାଇଁ ସରକାର ବିଚାର କରିବେ କି, ଯଦି ହଁ ତେବେ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ସୁଭଦ୍ରା ଯୋଜନା ହିତାଧିକାରୀ ସଂଖ୍ୟା

2319 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁଭଦ୍ରା ଯୋଜନା ମାଧ୍ୟମରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା କେତେ, କେତେ ମହିଳା ଏହି ଯୋଜନାରୁ ବାଦ୍ ପଡିଛନ୍ତି, ପ୍ରଥମ କିସ୍ତି ଠାରୁ ଏଯାବତ୍ ଦିଆଯାଇଥିବା କିସ୍ତିରେ ପ୍ରତି କିସ୍ତିୱାରୀ କେତେ ହିତାଧିକାରୀ ସୂଭଦ୍ରା ଯୋଜନାରେ ଉପକୃତ ହୋଇଛନ୍ତି, ସୁଭଦ୍ର ଯୋଜନା ଆରମ୍ଭ ପୂର୍ବରୁ ରାଜ୍ୟର ମହିଳାଙ୍କ ମାସିକ ଆୟ ହାରାହାରି କେତେ ଥିଲା ଏବଂ ଯୋଜନା କାର୍ଯ୍ୟକାରୀ ପରେ ଆଜିର ଦିନରେ ମାସିକ ଆୟ କେତେ ଅଛି ?

----

## ମାଦକ ଦ୍ରବ୍ୟ ସଚେତନତା କାର୍ଯ୍ୟକ୍ରମ

2320 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମାଦକ ଦ୍ରବ୍ୟ, ତମାଖୁ ସେବନର ସଚେତନତା ଉଦ୍ଦେଶ୍ୟରେ କଣ ସବୁ କାଯ୍ୟକ୍ରମ ହୋଇଛି, ଏହି ସଚେତନତା କେଉଁ କେଉଁ ମାଧ୍ୟମରେ କରାଯାଇଛି, ଏଥିପାଇଁ କେତେ ଟଙ୍କା ଗତ ୧୬ ମାସ ମଧ୍ୟରେ ଖର୍ଚ୍ଚ ହୋଇଛି, ଯଦି ସଚେତନତା କାର୍ଯ୍ୟକ୍ରମ ହୋଇଛି ତେବେ କେଉଁ କେଉଁ ସ୍ଥାନରେ, କେଉଁ ଏଜେନ୍ସି ଅବା ସଂସ୍ଥାମାନ ଏହି ସଚେତନତା କାର୍ଯ୍ୟକ୍ରମ କରାଉଛି ?

----

## Rope-way ନିର୍ମାଣ

2321 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲା ପଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକୃଷ୍ଟ କରିବା ପାଇଁ ରୋପୱ (Rope-way) ପାଇଁ ଦାବୀ ଦୀର୍ଘ ଦିନ ଧରି ହେଉଛି, ଏଥିପାଇଁ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଅନୁସନ୍ଧାନ ପାଇଁ ପଦକ୍ଷେପ

2322 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକସ୍ଥିତ କୁଚିଆକୋଇଲି ଗ୍ରାମର ବହୁ ପୁରାତନ ଶ୍ରୀ ରଘୁନାଥ ଜିଉ ମନ୍ଦିରର କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିର୍ଦ୍ଦିଷ୍ଟ ଏକ ପରିବାର ସରକାରୀ ଉଚ୍ଚ ପଦବୀରେ ରହି ଓ Endowment Commissioner ଜ୍ଞାତ ସାରରେ ବହୁ ବର୍ଷ ଲୁଟ୍ କରିବା ଓ ଅଡିଟ୍ ନହେବାକୁ ଉଚ୍ଚ ସ୍ତରୀୟ ଅନୁସନ୍ଧାନ କରିବେ କି ?

----

## ରାସ୍ତାର ନବୀକରଣ

2323 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅଣତାରକା ପ୍ରଶ୍ନ ସଂଖ୍ୟା ୩୨୩୪ ତା.୩୧.୦୮.୨୦୨୪ ରିଖରେ ଦେଇଥିବା ଉତ୍ତର ପରିପ୍ରେକ୍ଷୀରେ " ଓରନ୍ଦା- ଗୁରୁଡିଝାଟିଆ " ରାସ୍ତାର ନବୀକରଣ ପାଇଁ ହୋଇଥିବା ଟେଣ୍ଡର କେଉଁ ପର୍ଯ୍ୟାୟରେ ଅଛି ଜଣାଇବା ସହ, ଏହାକୁ ସଂପୂର୍ଣ୍ଣ କରିବାକୁ ଆଉ କେତେ ଅର୍ଥ ଓ ସମୟ ଦରକାର ?

----

## ମେଡିକାଲ ବିଲ୍ଡିଂର ନିର୍ମାଣ କାର୍ଯ୍ୟ

2324 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ) ରାଜ୍ୟରେ ମୋଟ୍ କେତୋଟି ନୂତନ ମେଡିକାଲ କଲେଜ ବିଲ୍ଡିଂ ସ୍ଥାପନ ହୋଇଛି, ସେଥିମଧ୍ୟରୁ କେତୋଟିରେ Construction Work ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟିରେ କାର୍ଯ୍ୟ ଅଦ୍ୟାବଧି ଚାଲୁ ରହିଛି ଏବଂ ଏହା କେଉଁ ଠିକାଦାର ସଂସ୍ଥା କାର୍ଯ୍ୟ କରୁଛନ୍ତି ତାର ସମ୍ପୂର୍ଣ ବିବରଣୀ ଦେବାସହ, ଏହି କାର୍ଯ୍ୟଗୁଡିକ କେବେସୁଦ୍ଧା ସାରିବା ପାଇଁ ଚୁକ୍ତି ହୋଇଥିଲା, ଏଥିରେ ଖିଲାପ କରିଥିବା ସଂସ୍ଥା ଉପରେ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ଜଣାଇବେ କି ; (ଖ) ବାରିପଦା ଠାରେ ହୋଇଥିବା ନୂତନ ମେଡିକାଲ କଲେଜର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୨ବର୍ଷ ମଧ୍ୟରେ ସମସ୍ତ ବିଲ୍ଡିଂ ର ରକ୍ଷଣାବେକ୍ଷଣ ସହ ରଙ୍ଗ କାର୍ଯ୍ୟ କେଉଁ ଠିକାଦାର ସଂସ୍ଥା କେତେ ଅର୍ଥ ବ୍ୟୟରେ କରିଥିଲା , ଏହି ନୂତନ ବିଲ୍ଡିଂ ର ମରାମତି କାର୍ଯ୍ୟ କେତେବର୍ଷ ମଧ୍ୟରେ ହେବା ପାଇଁ ନିୟମ ରହିଅଛି ଓ ଏଠାରେ କେଉଁ କାରଣ ପାଇଁ ଏତେଶୀଘ୍ର ମରାମତିର ଆବଶ୍ୟକତା ପଡିଲା ତାହାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

## ନୂତନ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା

2325 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ସରକାର ଚଳିତ ବଜେଟରେ ଘୋଷଣା କରିଥିବା ୨,୮୦୬ ଗୋଟି ନୂତନ ଅଙ୍ଗନବାଡି ଜ୍ଞାନକେନ୍ଦ୍ରର ପ୍ରତିଷ୍ଠା ପ୍ରସ୍ତାବ ମଧ୍ୟରୁ କେତେଗୋଟି କେନ୍ଦ୍ର ଅଦ୍ୟାବଧି ସ୍ଥାପନା କରାଯାଇଛି ଏବଂ ପ୍ରସ୍ତାବିତ ୩୦ ଗୋଟି ଶ୍ରେଷ୍ଠ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରିବା ଯୋଜନାରୁ କେତେଜଣଙ୍କୁ ଆଜି ପର୍ଯ୍ୟନ୍ତ ପୁରସ୍କୃତ କରାଯାଇଛି; ଚଳିତ ବର୍ଷରେ ପ୍ରତିଷ୍ଠା କରିବା ପାଇଁ ଚିହ୍ନଟ ହୋଇଥିବା ଏବଂ ତନ୍ମଧ୍ୟରୁ ଅଦ୍ୟାବଧି ସଂପୂର୍ଣ୍ଣ ହୋଇଥିବା 'ନୂତନ ଅଙ୍ଗନବାଡି ଜ୍ଞାନକେନ୍ଦ୍ର ଗୁଡିକର ଜିଲ୍ଲାୱାରୀ ଏବଂ ବ୍ଲକୱାରୀ ତାଲିକା ପ୍ରଦାନ କରିବେ; (ଖ)୨୦୨୫-୨୬ ବର୍ଷରେ କେତେ ନୂତନ ଅଙ୍ଗନୱାଡି କେନ୍ଦ୍ର ଖୋଲିବାର ପ୍ରସ୍ତାବ ଥିଲା ଏବଂ ଅଦ୍ୟାବଧି କେତେ ଖୋଲିଛି, ତାର ଜିଲ୍ଲାୱାରୀ ତାଲିକା ଦେବାସହ ଏଥିପାଇଁ କେତେ ଅର୍ଥ ଅନୁମୋଦନ ହୋଇଥିଲା ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି, ଆଠଗଡ଼ ବ୍ଲକ୍‌ର ବିଲୁଆଗଡ଼ା ଅଙ୍ଗନଓ୍ୱାଡି କେନ୍ଦ୍ରର ବର୍ତ୍ତମାନର ସ୍ଥିତି କ'ଣ ଓ. ଏହା କେବେ ଚାଲିବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ପଞ୍ଜିକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ତାଲିକା

2326 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠଗଡ଼ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ୍‌ର କେଉଁ ପଞ୍ଚାୟତ ଗୁଡିକରେ କେତୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଦ୍ୟାବଧି ପଞ୍ଜିକୃତ ହୋଇଛି ସେଗୁଡିକର ନାମ ଓ କର୍ମକର୍ତ୍ତାଙ୍କ ନାମ, ଠିକଣା ସହ ଏକ ସବିଶେଷ ବିବରଣୀ ଓ ତାଲିକା ଦେବାସହ କେଉଁ ଗୋଷ୍ଠୀ ଗୁଡିକୁ ସରକାରଙ୍କ ତରଫରୁ କେତେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ଏବଂ ସେମାନଙ୍କୁ ସାବଲମ୍ବି କରିବା ପାଇଁ କେଉଁ କେଉଁ କାର୍ଯ୍ୟସବୁ ନିୟୋଜନ କରାଯାଉଛି ତାର ଗ୍ରୁପ୍‌ୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## DLEC ବୈଠକ ସମ୍ପର୍କରେ

2327 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲାର ଚଳିତ ବର୍ଷ ଶେଷଥର କେବେ DLEC ବୈଠକ ବସିଥିଲା ଏବଂ ଏଥିରେ କେଉଁ ବ୍ଲକ୍‌ର କେଉଁ Panchayart Raj, RD Road ଗୁଡିକ R & B/ RD ବିଭାଗକୁ ହସ୍ତାନ୍ତର ହୋଇଛି, ଏବଂ କେଉଁ ରାସ୍ତାଗୁଡିକ କେଉଁ କାରଣ ପାଇଁ ହୋଇ ପାରିନାହିଁ ତାର ରାସ୍ତାୱାରୀ ସବିଶେଷ କାରଣ ଜଣାଇବା ସହ ବୈଠକର minutesର ତଥ୍ୟ ଉପସ୍ଥାପନା କରିବେ କି; (ଖ) ବିଗତ ୫ ବର୍ଷ ଠାରୁ ଅଦ୍ୟାବଧି R & B ଅଧୀନକୁ କେଉଁ ରାସ୍ତାଗୁଡିକ ଆସିଅଛି ଏବଂ ଏହି ସମସ୍ତ ରାସ୍ତାଗୁଡିକର ଉନ୍ନତିକରଣ ପାଇଁ ବିଭାଗ ପକ୍ଷରୁ ଅଦ୍ୟାବଧି କି କି ପଦକ୍ଷେପ ଗ୍ରହଣ କରାଯାଇଅଛି ତାର ସମସ୍ତ ବିବରଣୀ ବ୍ଲକ୍‌ୱାରୀ R & B section ୱାରୀ ତାଲିକା ପ୍ରଦାନ କରିବେ କି; (ଗ) ବିଭାଗର କଟକ ଓ ଚାରିବାଟିଆ R & B ଡିଭିଜନ ଅଧୀନରେ ହେଉଥିବା ରାସ୍ତା କାର୍ଯ୍ୟଗୁଡ଼ିକ ନିମ୍ନମାନର ହେଉଥିବାରୁ ତାହା ବାରମ୍ବାର ମରାମତିର ଆବଶ୍ୟକତା ପଡୁଅଛି, ଏହା ଉପରେ ବିଭାଗ ତରଫରୁ ସଠିକ୍ ପଦକ୍ଷେପ ନ ନେବାର କାରଣ କ'ଣ ?

----

## damage assessment and Periodic maintenance

2328 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Turkel Bridge over the Tel River in Kalahandi (on the Bhawanipatna-Nuapada route) has suffered structural damage - a depression on the deck exposing iron rods and cracked concrete, rendering it unsafe for heavy vehicles. Will the Govt. provide the detailed damage assessment conducted by PWD, the estimated cost, timeline, and plan for repair or reconstruction of the Turkel Tel Bridge, and interim safety measures (road diversions, vehicle load restrictions) until the works are completed; What systemic actions is the Works Department taking to ensure such critical infrastructure - especially old bridges over Tel and similar rivers in western Odisha - undergo periodic structural audits and maintenance, to prevent recurrence of such crises ?

----

**Eco-tourism in Tribal Areas**

2329 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Considering the State's push for adventure/ecotourism under new central and state policies, what environmental impact assessments and tribal-consent (Gram Sabha) processes were completed for any tourism DPRs affecting forests/tribal areas near Bhawanipatna in the last 12 months?

----

**Illicit bottling Network**

2330 **Shri Sagar Charan Das (Bhawanipatna):**

Will the Minister for **Excise** be pleased to state that:- Reports indicate illicit bottling networks remain active; will the govt. explain whether there have been any recent licensing freezes or supply shortages that may be driving black-market activity in western Odisha, and (the government's ) plan to strengthen supply-chain monitoring and community-level intelligence in Bhawanipatna ?

----

**Rate of Odisha State Legal Service Authority**

2331 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The govt. given the role of Odisha State Legal Services Authority and Nyaya Sanjog centres, will the govt. disclose, the

number of legal-aid applications received/disposed in Kalahandi (last 3 months), the functioning hours and staffing of the Nyaya Sanjog at Bhawanipatna, and steps to expedite Lok Adalats for pending public-interest disputes ?

----

**Quality of Chhatua**

2332 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What concrete quality-control and accountability measures have been initiated to ensure safe and nutritious Chhatua distribution across Western Odisha, particularly Kalahandi, By when will the Government conduct a comprehensive third-party audit of Chhatua procurement, production, and distribution in aii ICDS centres, including block-wise coverage, How many grievances related to substandard quality, delayed delivery, pilferage, or corruption in Chhatua distribution were received by the District Collector, Kalahandi, and the Department during 2024-25, and how many have been disposed of, What is the block-wise monthly quantity of Chhatua distributed in Kalahandi during 2024-25, along with the corresponding expenditure incurred ?

----

**ପ୍ରକଳ୍ପର ବିବରଣୀ ପ୍ରଦାନ**

2333 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ ଜିଲ୍ଲାର 2024-25 ଠାରୁ କେଉଁ କେଉଁ ବ୍ଲକରେ ବିଭାଗ ଦ୍ୱାରା କି କି କାର୍ଯ୍ୟ ଚାଲିଛି ଓ ଟେଣ୍ଡର ହୋଇସାରିଥିଲେ ବି କେଉଁ କାର୍ଯଗୁଡିକ କେଉଁ କାରଣରୁ ଆରମ୍ଭ ହୋଇପାରିନାହି, ପ୍ରତ୍ୟେକ କାର୍ଯର ମୂଲ୍ୟ କେତେ; ବର୍ତ୍ତମାନ କାର୍ଯଗୁଡିକ କେଉଁ ପର୍ଯ୍ୟାୟରେ ଅଛି ଓ କେବେ ସୁଦ୍ଧା ପୂର୍ଣାଙ୍ଗ କରାଯିବ ?

----

**ବ୍ରାଉନସୁଗାର / ଗଞ୍ଜେଇ ଜବତ**

2334 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷ ମଧ୍ୟରେ କେଉଁ ଜିଲାରୁ କେଉଁ ବର୍ଷ କେତେ ପରିମାଣର ବ୍ରାଇଭ ସୁଭାଇ ଓ ଗଞ୍ଜେଇ ଜବତ ହୋଇଛି ଏହି କାରବାରକୁ ସମ୍ପୂର୍ଣ ମୂଳପାଟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ଓ କେତେ ସଫଳତା ପାଇଛନ୍ତି ?

----

## ସୁଭଦ୍ରା ଯୋଜନାରେ ଉପକୃତ ମହିଳା

2335 **Shri Ramesh Chandra Behera (Daspalla):**

Will the Minister for **Deputy Chief Minister** be pleased to state that:- ରାଜ୍ୟରେ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦେବା ପାଇଁ କି କି ମାନଦଣ୍ଡ ରଖାଯାଇଛି ଓ ଏହି ମାନଦଣ୍ଡ ଅନୁଯାଇ କେଉଁ ଜିଲ୍ଲାରେ କେତେ ମହିଳା ଉପକୃତ ହେଉଛନ୍ତି ଓ କେତେ ବାଦ ପଡିଛନ୍ତି ?

----

## ପର୍ଯ୍ୟଟନ ସ୍ଥଳୀ ଚିହ୍ନଟ

2336 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଧିକ ସଂଖ୍ୟକ ପର୍ଯଟକଙ୍କୁ ଆକୃଷ୍ଟ କରିବା ପାଇଁ କେଉଁ କେଉଁ ନୂତନ ପର୍ଯଟନ ସ୍ଥଳୀକୁ ଚିହ୍ନଟ କରାଯାଇ ସେଗୁଡ଼ିକର ଉନ୍ନତି କରଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## PWD IBର ମରାମତି

2337 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଜ୍ଞାପିତ ଅଞ୍ଚଳ ପରିଷଦ ଦଶପଲ୍ଲା ଠାରେ ଥିବା ଏକମାତ୍ର ବହୁ ପୁରାତନ PWD IB ଅତି ଜରାଜୀର୍ଣ ଅବସ୍ଥାରେ ଥିବାରୁ, ଏହାର ରକ୍ଷଣା ବେକ୍ଷଣ ନିମନ୍ତେ କି କି ପଦକ୍ଷେପ ନେଉଛନ୍ତି ଓ କେବେ ସୁଦ୍ଧା କାର୍ଯକାରି କରାଯିବ ?

----

## ଆର୍ଥିକ ସହାୟତା ପ୍ରଦାନ

2338 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଶ୍ରୀକ୍ଷେତ୍ରରେ ମୋଟ କେତୋଟି ମଠ ଅଛି ସେଥିରୁ ବିଲୁପ୍ତ ଅବସ୍ଥାରେ କେତୋଟି ଓ କେଉଁ ମଠ ସରକାର ଏହାର ସଠିକ୍ ତଥ୍ୟ ଉପସ୍ଥାପନ କରିବେକି, ସରକାରଙ୍କର ହିସାବ ଅନୁଯାୟୀ ପ୍ରତ୍ୟେକଟିର ନିଜସ୍ୱ ଆୟ କେତେ ଏଥିରୁ ସରକାର କେଉଁ ପ୍ରକାର କେତେ ପରିମାଣରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି?

----

## ମଠର ପୁନଃରୁଦ୍ଧାର

2339 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା, ଖେଳା ସହିତ କେଉଁ ମଠର କେଉଁ ଶତାବ୍ଦୀରୁ ସଂପୃକ୍ତ ଅଛନ୍ତି ସରକାର ଏହାର ନାମ ତାଲିକା ପ୍ରକାଶ କରିବେକି, ଏପରି ମଠର ପୁନଃରୁଦ୍ଧାର, ସୁସଂଗଠିତ ପରିଚାଳନା ତଥା ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଦିଗରେ ସବିଶେଷ ତଥ୍ୟ କଣ, କେଉଁ ମଠ ଗୁଡିକ ସଂପୃକ୍ତ ନଥାଇ କେଉଁ ଅବସ୍ଥାରେ ଅଛି ଏହାର ମରାମତି, ପୁନଃରୁଦ୍ଧାର ପାଇଁ ସରକାରଙ୍କର ପଦକ୍ଷେପ କଣ ହେବ?

----

## Engineer ନିଯୁକ୍ତି

2340 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର Division II ରେ SE ପଦବୀ ଖାଲିଥିବାବେଳେ ଜଳେଶ୍ୱର ସବଡିଭିଜନରେ Asst. Executive Engineer, Junior Engineer ପଦବୀ ଦିର୍ଘଦିନ ଧରି ଖାଲିପଡିଥିବା ତଥା deputed Engineer ଦ୍ୱାରା କାର୍ଯ୍ୟ ହେଉଥିଲାବେଳେ ସରକାର ନୂଆ ନିଯୁକ୍ତି ପାଇଁ କଣ ପଦକ୍ଷେପ ନେବେ, ଏସବୁ ପଦବୀରେ ନିଯୁକ୍ତି ହୋଇସାରିଥିଲେ ସେମାନେ କେତେ ଶିଘ୍ର କାର୍ଯ୍ୟଭାର ଗ୍ରହଣ କରିବେ?

----

## ଡ୍ରେନ୍ ନିର୍ମାଣ

2341 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ସବଡିଭିଜନ(Sub-Division) ଅନ୍ତର୍ଗତ ବସ୍ତା ବାଲିଆପାଳ ସଡକ କେତେ କି.ମି. ସେଥିରୁ କେତେ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ନିକାମି ପକ୍କା ଡ୍ରେନ୍ ନିର୍ମାଣ ହୋଇଛି ଚଳିତ ବର୍ଷ କେତେ କି.ମି. ଏପରି ଡ୍ରେନ୍ ନିର୍ମାଣ ହେବ ସରକାରଙ୍କର ଯୋଜନାବଦ୍ଧ କାର୍ଯ୍ୟକ୍ରମ କଣ?

----

## ପକ୍କା ଡ୍ରେନ ନିର୍ମାଣ

2342 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜଳେଶ୍ୱର ପଶ୍ଚିମବାଡ ସଡକ ପଥରେ ଉଭୟ ପାର୍ଶ୍ୱରେ (Jaleswar-Paschimbad) କେତେ କିମି ପକ୍କା ଡ୍ରେନ ଜଳ ନିକାମି ପାଇଁ ନିର୍ମାଣ ହୋଇସାରିଛି ଆଉ କେତେ କିମି ନିର୍ମାଣ ହେବ ଚଳିତ ବର୍ଷ ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ସରକାରଙ୍କର କଣ?

----

## ନିଶା ସାମଗ୍ରୀ ଜବତ

2343 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨ବର୍ଷ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରୁ କେଉଁ କିସମର କେତେ ପରିମାଣର ନିଶା ସାମଗ୍ରୀ ଜବତ ହୋଇଛି, ଏହିସବୁ ନିଶା ସାମଗ୍ରୀ କେଉଁ କେଉଁ ସ୍ଥାନରୁ ଭୁବନେଶ୍ୱରକୁ ଆସିଥିଲା ତାହାର ଏକ ତାଲିକା ଦେବା ସହିତ ଏଭଳି ନିଶା କାରବାରରେ କେତେଜଣ ଜଡିତ ବ୍ୟକ୍ତି ଗିରଫ ହୋଇଛନ୍ତି ଓ ସେମାନଙ୍କ ନିକଟରୁ କେତେ ପରିମାଣର କେଉଁ ନିଶା ସାମଗ୍ରୀ ଜବତ ହୋଇଥିଲା ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ମାମଲା ଗୁଡିକର ତାଲିକା ପ୍ରଦାନ

2344 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ହାଇକୋର୍ଟ ସମେତ ରାଜ୍ୟରେ ଥିବା ଅଦାଲତଗୁଡିକରେ ବର୍ତ୍ତମାନ ସୁଦ୍ଧା କେଉଁ କିସମର କେତେ ସଂଖ୍ୟକ ମାମଲା ବିଚାରାଧୀନ ରହିଛି, ଏହିସବୁ ମାମଲାଗୁଡିକ କେତେବର୍ଷ ଧରି ପଡି ରହିଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବା ସହିତ ମାମଲାର ତ୍ୱରିତ ଶୁଣାଣି ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପର୍ଯ୍ୟଟକଙ୍କ ବିବରଣୀ ପ୍ରଦାନ

2345 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାକୁ ଗତ ୫ବର୍ଷ ମଧ୍ୟରେ କେତେ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ କେଉଁ କେଉଁ ଦେଶରୁ ଆସିଛନ୍ତି, ଏହାର ଏକ ବର୍ଷୱାରୀ ଓ ଦେଶ ୱାରୀ ତାଲିକା ପ୍ରଦାନ ସହିତ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ରାଜ୍ୟ ସରକାର କି କି ଯୋଜନା ହାତକୁ ନେଇଛନ୍ତି ଓ ଏ ବାବଦରେ କେତେ ଅର୍ଥ କାହାକୁ ପ୍ରଦାନ କରୁଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ରାଜ୍ୟ ଶିଶୁ ସୁରକ୍ଷା ମିଶନ କାର୍ଯ୍ୟ

2346 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ଶିଶୁ ସୁରକ୍ଷା କମିଶନରେ ବର୍ତ୍ତମାନ ଅଧ୍ୟକ୍ଷାଙ୍କୁ ମିଶାଇ କେତେଜଣ ସଦସ୍ୟ ରହିଛନ୍ତି, ଏମାନଙ୍କର ନାମ ଓ ଅଭିଜ୍ଞତା ଉଲ୍ଲେଖ କରିବା ସହିତ ଗତ ବର୍ଷକ ମଧ୍ୟରେ ଏହି କମିଶନଙ୍କ ନିକଟରେ ଶିଶୁଙ୍କ ସୁରକ୍ଷା ନେଇ କେତୋଟି ମାମଲା ରୁଜୁ ହୋଇଛି ଏବଂ କେତେ ମାମଲାରେ କମିଶନ ନିଜଆଡୁ ମାମଲା ରୁଜୁ କରି ତାହାର ତଦନ୍ତ କରି କି ପ୍ରକାର ରାୟ ଶୁଣାଇଛନ୍ତି, ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଅବକାରୀ ମାମଲା

2347 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪—୨୫ ବର୍ଷରେ ରାଜ୍ୟରେ ମଧ୍ୟ ଅସନ୍ଦ କରି କହିବେ କେତେକ ସଂଖ୍ୟକ ଅବକାରୀ ମାମଲା ବିଚାରାଧିନ ଥିଲା ଏବଂ ସେଥିରୁ ଉକ୍ତ ବର୍ଷରେ କେତେ ମାମଲା 'ଏସଲା ହେଲା, କେତେ ମାମଲାରେ ଅଭିଯୁକ୍ତ ଦଣ୍ଡିତ ହେଲେ, ଆଉ କେତେ ମାମଲାରେ ଖଲାସ ହେଲେ ତାହାର ଜିଲ୍ଲାୱାରୀ ଏବଂ ଅବକାରୀ ଗୁଇନ୍ଦା ଓ ଧରପଗଡ ୟୁନିଟ ଷ୍ଟାରୀ ତଥ୍ୟ ପ୍ରଦାନ କରିବେ କି, ଆଇନାନୁଯାୟୀ କେତୋଟି ସ୍ୱତନ୍ତ୍ର ଅବକାରୀ କୋର୍ଟ କେଉଁ କେଉଁ ସ୍ଥାନରେ ଖୋଲାଯାଇଛି ତାହାର ତଥ୍ୟ ପ୍ରଦାନ କରିବା ସହିତ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଥିବା ଦୃଷ୍ଟିରୁ ଏହାର ପ୍ରତିକାର ଲାଗି ସରକାର କ'ଣସବୁ ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## ଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ

2348 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ମୋଟ ଅଙ୍ଗନୱାଡି କେନ୍ଦ୍ର, ଶିଶୁ ବାଟିକା ଓ କଳିକା କେନ୍ଦ୍ର ସଂଖ୍ୟା କେତେ, ତାହାର ବ୍ଲକ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳୱାରି ତଥ୍ୟ ପ୍ରଦାନ କରିବେ କି, ଉକ୍ତ କେନ୍ଦ୍ର ଗୁଡିକ ମଧ୍ୟରୁ କେତୋଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ତାହାର ତଥ୍ୟ ପ୍ରଦାନ କରିବେ କି, ବର୍ତ୍ତମାନ କେତୋଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି ଓ କେତୋଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ତାହାର ବ୍ଲକୱାରୀ ଓ ଅଙ୍ଗନବାଡି କେନ୍ଦ୍ରର ନାମ ୱାରି ତଥ୍ୟ ପ୍ରଦାନ କରିବେ କି, ନିଜସ୍ୱ ଗୃହ ନଥିବା କେନ୍ଦ୍ର ଗୁଡିକର ନିର୍ମାଣ କାର୍ଯ୍ୟ କେତେ ସୁଦ୍ଧା ଶେଷ କରିବାକୁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଛି, ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ନ ହୋଇପାରିବାର ପ୍ରମୁଖ କାରଣ କଣ ?

----

## ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟର ତାଲିକା ପ୍ରଦାନ

2349 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ରାସ୍ତା ଓ ପୋଲ ନିର୍ମାଣ ହୋଇଛି ସେଗୁଡିକର ବ୍ଲକ ୱାରି ସମ୍ପୂର୍ଣ ତାଲିକା, ପ୍ରକଳ୍ପ ନିମନ୍ତେ କେତେ ଅର୍ଥ ବ୍ୟୟ କରାଯାଇଛି ଓ ଏହାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବେ କି, ଜିଲ୍ଲାର କେଉଁ କେଉଁ ରାସ୍ତା ବିଭାଗ ଅଧିନକୁ ଆସିବାର ପ୍ରସ୍ତାବ ରହିଛି ଓ ଏଥିନିମନ୍ତେ ବିଭାଗ କି ପଦକ୍ଷେପ ଗ୍ରହଣ କରିଛି ?

----

## ଗମେଇ ନଦୀ ଉପରେ ନିର୍ମିତ ପୋଲର ସ୍ଥିତାବସ୍ଥା

2350 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ବାସୁଦେବପୁର ବ୍ଲକର ଚୁଡ଼ାମଣି ଗମେଇ ନଦୀ ଉପରେ ନିର୍ମିତ ହେଉଥିବା ପୋଲର ସ୍ଥିତାବସ୍ଥା ସମ୍ପର୍କରେ ସରକାର କାଣନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ ଏହା କେଉଁ ଅବସ୍ଥାରେ ଅଛି ଏବଂ ଏହାର କାର୍ଯ୍ୟାଦେଶ ଅନୁଯାୟୀ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇ କେବେ ସୁଦ୍ଧା ଶେଷ ହେବା ସମ୍ପର୍କରେ ସରକାରଙ୍କ ପାଖରେ ଥିବା ତଥ୍ୟ ପ୍ରଦାନ କରିବେ କି ?

----

## ପାନ୍ଥନିବାସ / ମଣ୍ଡପ ପରିଚାଳନା ସମ୍ପର୍କରେ

2351 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର)ː**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଓଡିଶା ପର୍ଯ୍ୟଟନ ବିଭାଗ ଅଧିନରେ ଭଦ୍ରକ ଜିଲ୍ଲାର କେଉଁ କେଉଁ ସ୍ଥାନରେ ପାନ୍ଥନିବାସ, ହୋଟେଲ, ବିବାହ ମଣ୍ଡପ / କଲ୍ୟାଣ ମଣ୍ଡପ ଅଛି ଓ ଏଗୁଡିକର ପରିଚଳନା ଏବଂ ରାକ୍ଷଣା ବେକ୍ଷଣ ଦାୟିତ୍ୱ କେଉଁ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ କେତେ ବର୍ଷ ପାଇଁ ଦିଆଯାଇଛି ଏବଂ ଏଥି ନିମନ୍ତେ ସେମାନଙ୍କ ଠାରୁ କେତେ ଅର୍ଥ ଆଦାୟ କରାଯାଇଛି ତା'ର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଏହି ସଂସ୍ଥା ରେ କେତେ ଜଣ ନିଯୁକ୍ତି ପାଇଛନ୍ତି ଓ ଏଗୁଡିକର ଉନ୍ନତି କରଣ ନିମନ୍ତେ ୨୦୨୦ ମସିହା ଜାନୁଆରୀ ୧ ତାରିଖରୁ ଆଜି ପର୍ଯ୍ୟନ୍ତ କେତେ ଅର୍ଥ ବ୍ୟୟ କରାଯାଇଛି ତା'ର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ମିଶନ ଶକ୍ତି ଗୃହ ନିର୍ମାଣ

2352 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର)ː**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଭଦ୍ରକ ଜିଲ୍ଲାର ଓଡ଼ିଶା ଜିବୀକା ମିଶନ ଓ ମିଶନଶକ୍ତି ମାଧ୍ୟମରେ କେଉଁ କେଉଁ SHGକୁ ବିଭାଗ ପକ୍ଷରୁ ଆତ୍ମ ନିର୍ଭରଶୀଳ ପାଇଁ କେତେ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ତାହାର ସବିଶେଷ ତଥ୍ୟ 2015ରୁ ଆଜି ପର୍ଯ୍ୟନ୍ତ ପ୍ରଦାନ କରିବେ କି, ଏହି ଅର୍ଥ ରାଶିକୁ ନେଇ କେଉଁ ସ୍ୱୟଂ ସହାୟକ ଗୋଷ୍ଠୀ (SHG) କେଉଁ କାର୍ଯ୍ୟରେ ଲଗାଇଛନ୍ତି ଓ କିଭଳି ଏହାର ଉପଯୋଗ କରୁଛନ୍ତି ବର୍ତ୍ତମାନର ସ୍ଥିତି କଣ ତାହାର ବ୍ଲକୱାରି ତଥ୍ୟ ପ୍ରଦାନ କରିବେ କି, ଜିଲ୍ଲାର କେଉଁ କେଉଁ ସ୍ଥାନରେ କେତେ ଅର୍ଥ ବ୍ୟୟରେ ମିଶନଶକ୍ତି ଗୃହ ନିର୍ମାଣ ହୋଇଛି ଏବଂ ଯେଉଁ ସ୍ଥାନରେ ମିଶନଶକ୍ତି ଗୃହ ନିର୍ମାଣ ହୋଇନାହିଁ ସେଗୁଡିକର ଗୃହ ନିର୍ମାଣ ପାଇଁ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି, ଗୃହ ନିର୍ମାଣ ବିଳମ୍ବ ହେବାର କାରଣ କଣ ?

----

## Present status of Road Construction

2353 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ː**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (a) The present status of the ongoing road construction and widening work from Trisulia to Bidyadharpur along the riverside, which has been delayed beyond the planned schedule; (b) Whether the DPR, site handover and utility-shifting were completed on time; The sanctioned amount, executing contractor and original completion

timeline; Reasons for the prolonged delay despite work being underway; and The revised completion deadline and action taken against those responsible for slow progress ?

----

**Complete list of all on going construction work**

**2354 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The complete list of all ongoing construction, repair, road, bridge and building works being executed the Barabati-Cuttack constituency; (b) The name of the contractor or executing agency for each work, along with the sanctioned amount tender value and date of work order; The physical and financial progress achieved so far; The originally approved timeline for completion and any revised deadlines and reasons for delay, if any, in ongoing works?

----

**Step to filll up different Judicial posts**

**2355 Smt. Sofia Firdous (Barabati-Cuttack):**

Will the Minister for **Law** be pleased to state that:- (a) The number of vacant President/Judicial/Member posts in the State & District Consumer Commissions and in the Odisha Lokayukta, along with the date since when each post has remained vacant; (b) The total pendency of cases/complaints in these bodies; and the specific timeline by which the Government will fill all vacancies and restore full operational capacity, given that prolonged vacancies are delaying justice and weakening statutory oversight?

----

**Details of route plan for C.R.R.R.**

**2356 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government has noted the Cabinet approval of the 110.875-km CRRR at a cost of Rs.8307. 74 crores; (b) The exact route alignment, including villages and districts: The status of land acquisition, DPR and tendering; The expected timeline for commencement and completion; and Whether any alignment changes are proposed to improve connectivity to Bhubaneswar, Cuttack and surrounding regions?

----

## Black listed Firms and Proprietor

2357 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number of contractors who have delayed Works Department projects in the last five years, along with project-wise and district-wise delay details, including the name of the firm, name of the contractor/proprietor and their details; (b) The original and revised timelines for each delayed work; The action taken against such contractors, including penalties, recovery or extensions granted; (A) The number of contractors issued show-cause notices and the number of firms and proprietors blacklisted in the last five years ?

----

## ରାସ୍ତା ଗୁଡ଼ିକରୁ ଆଲୋକୀକରଣ

2358 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୂର୍ତ୍ତ ବିଭାଗ ଅଧିନସ୍ଥ ରାସ୍ତା ଗୁଡ଼ିକକୁ ଆଲୋକୀକରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ରାସ୍ତା ନିର୍ମାଣ ପାଇଁ ଅର୍ଥମଞ୍ଜୁର

2359 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ପୂର୍ତ୍ତ ବିଭାଗ ପକ୍ଷରୁ କେତୋଟି ରାସ୍ତା ଚଳିତ ଆର୍ଥିକ ବର୍ଷରେ ନିର୍ମାଣ କରିବାକୁ ଅର୍ଥ ମଂଜୁର ହୋଇଛି, କେଉଁ କେଉଁ ରାସ୍ତା ପାଇଁ କେତେ ଟଙ୍କା ଅର୍ଥ ମଂଜୁର ହୋଇଛି ସବିଶେଷ ବିବରଣୀ ପ୍ରଦାନ କରିବେ କି, ସେହିପରି କେତୋଟି ରାସ୍ତା (କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ) ନିର୍ମାଣଧନ ରହିଛି, କେଉଁ agency (ଠିକା ସଂସ୍ଥା) କେଉଁ କାମ ନେଇଛି,ରାସ୍ତାର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବାର ଥିଲା ଏବଂ କେବେ ସୁଦ୍ଧା ନିର୍ମାଣ ସରିବ ?

----

## ଆନନ୍ଦପୁରରେ ଥିବା ଅଙ୍ଗନୱାଡ଼ିର ନିଜସ୍ୱ ଗୃହ

2360 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ସର୍ବମୋଟ କେତୋଟି ଅଙ୍ଗନବାଡି ଓ କେତୋଟି ମିନି ଅଙ୍ଗନବାଡି ଚାଲିଛି ଏବଂ କେତୋଟି ଅଙ୍ଗନବାଡିର ନିଜସ୍ୱ ଗୃହ ଅଛି ତାହାର ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ଆଗାମୀ ଦିନରେ ନୂତନ ଅଙ୍ଗନବାଡି କେନ୍ଦ୍ର ଖୋଲା ଯିବାର ପ୍ରସ୍ତାବ ଅଛି କି, ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା,ରୋଷେଇ ଘର ବ୍ୟବସ୍ଥା ଅଛି କି, ଯଦି ନାହିଁ କେବେ ସୁଦ୍ଧା ଏ ସମସ୍ତ ସୁବିଧା ପୂରଣ କରାଯିବ ?

----

## ଧର୍ମସ୍ଥଳୀ ଗୁଡ଼ିକୁ ଅର୍ଥ ସହାୟତା

**2361 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦୁଝର ଜିଲ୍ଲାର କେଉଁ କେଉଁ ମନ୍ଦିର ମଠ ଏବଂ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଗୁଡ଼ିକୁ ଦେବତ୍ତର ବିଭାଗରେ ପଞ୍ଜିକୃତ କରାଯାଇଛି ଏବଂ ସେହି ଧର୍ମସ୍ଥଳୀ ଗୁଡ଼ିକୁ ବିଗତ ୩ ବର୍ଷରେ କେଉଁ ବାବଦକୁ ବାର୍ଷିକ କେତେ ଅର୍ଥ ସହାୟତା ପ୍ରଦାନ କରାଯାଇଛି, ତାହାର ଧର୍ମାନୁଷ୍ଠାନୱାରୀ ଏକ ତାଲିକା ପ୍ରଦାନ କରିବେ କି; (ଖ) ଦେବୋତ୍ତର ଅଧୀନରେ ଆସୁଥିବା କେନ୍ଦୁଝର ଜିଲ୍ଲାର କେଉଁ କେଉଁ ମନ୍ଦିର, ମଠ ବା ଧର୍ମସ୍ଥଳୀର କେତେ ପରିମାଣର ନିଜସ୍ୱ ଜମି ଅଛି ?

----

## ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରଦାନ କରାଯାଉଥିବା ସାମଗ୍ରୀ

**2362 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ ତରଫରୁ କେଉଁ କେଉଁ ସାମଗ୍ରୀ ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରଦାନ କରାଯାଉଛି ତାହାର ବିବରଣୀ ପ୍ରଦାନ କରିବେ କି; ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଉକ୍ତ ସାମଗ୍ରୀକୁ କେଉଁ Agency ଦ୍ୱାରା ପ୍ରଦାନ କରାଯାଉଛି ?

----

## ତଦନ୍ତ ପ୍ରକ୍ରିୟାର ଅଗ୍ରଗତି

**2363 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ଦଳା ଚକଟାରେ ମୃତ୍ୟୁବରଣ କରିଥିବା ୪ ଜଣ ଭକ୍ତଙ୍କ ଘଟଣାର ତଦନ୍ତ ନିମନ୍ତେ ସରକାର ନିର୍ଦ୍ଦେଶ ଦେଇଥିବା ସତ୍ୟ କି ; ଯଦି ହଁ, ତେବେ ଏହି ତଦନ୍ତ ପ୍ରକ୍ରିୟାର ବର୍ତ୍ତମାନ ସୁଦ୍ଧା କି ଅଗ୍ରଗତି ହୋଇଛି ?

----

## ମିଶନ ଶକ୍ତିକୁ ମିଳିଥିବା ସଫଳତା

**2364 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ମିଶନ ଶକ୍ତିକୁ ଅଧିକ ଶକ୍ତିଶାଳୀ କରି ଲକ୍ଷପତି ଦିଦି ସୃଷ୍ଟି କରିବା କ୍ଷେତ୍ରରେ ଜୁନ ୨୦୨୪ ଠାରୁ ଅକ୍ଟୋବର ୨୦୨୫ ମଧ୍ୟରେ କି କି ସଫଳତା ମିଳିଛି ଓ ସମୁଦାୟ କେତେ କେତେ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ?

----

## ସେତୁ ସହ ସଂଯୋଗୀକରଣ ରାସ୍ତା ନିର୍ମାଣ

**2365 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦ୍ରାପଡ଼ା ପୂର୍ତ୍ତ ମଣ୍ଡଳ ଅର୍ନ୍ତଗତ କେନ୍ଦ୍ରାପଡ଼ା ମ୍ୟୁନିସପାଲଟିର ନୂଆ ବସଷ୍ଟାଣ୍ଡଠାରେ ଗୋବରୀ ନଦୀ ଉପରେ କେନ୍ଦ୍ରାପଡ଼ା ମ୍ୟୁନିସପାଲଟିକୁ କେନ୍ଦ୍ରାପଡ଼ା ବ୍ଲକ ସହ ସଂଯୋଗ ନିମିତ୍ତ ୨୦୨୨- ୨୩ ରେ ସରକାର ଏକ ସେତୁ ସହ ସଂଯୋଗୀକରଣ ରାସ୍ତା ନିର୍ମାଣପାଇଁ ଅର୍ଥ ମଞ୍ଜୁର ସହ ଟେଣ୍ଡର ପ୍ରକ୍ରିୟା ଶେଷ କରିଥିଲେ ମଧ୍ୟ ରାଜ୍ୟ ହାଉସିଂ ବୋର୍ଡ଼ ତରଫରୁ ପୂର୍ତ୍ତ ବିଭାଗ ବିରୋଧରେ ଏକ ମାମଲା ହାଇକୋର୍ଟରେ ଦାଖଲ କରି ସ୍ୱଷ୍ଟତା ଦେବା ଆଣିଥିବା ସରକାର ଜାଣନ୍ତି କି; ଯଦି ହଁ, ତେବେ ଏହି ସ୍ଥଗିତାଦେଶଖ ଉଚ୍ଛେଦ ନିମନ୍ତେ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ଜାତୀୟ ରାଜପଥରେ ପରିଣତ

**2366 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) କେନ୍ଦ୍ର ସରକାର ୨୦୧୪-୧୫ ଠାରୁ ଆଜି ପର୍ଯ୍ୟନ୍ତ ରାଜ୍ୟର କେଉଁ କେଉଁ ପୂର୍ତ୍ତ ବିଭାଗ ରାସ୍ତାକୁ ଜାତୀୟ ରାଜପଥରେ ପରିଣତ କରିଛନ୍ତି ଓ ସେହି ସବୁ ରାସ୍ତାର ଦୈର୍ଘ୍ୟ କେତେ; (ଖ) ଜାତୀୟ ରାଜପଥକୁ ହସ୍ତାନ୍ତରିତ ହୋଇଥିବା ରାସ୍ତା ଗୁଡ଼ିକର ନିର୍ମାଣ ନିମନ୍ତେ କେଉଁ କେଉଁ ବର୍ଷରେ ( ୨୦୧୪ ରୁ ୨୦୨୫ ଅବସ୍ଥାରେ ୩୧ ମଧ୍ୟରେ) କେତେ କେତେ ଅର୍ଥରାଶି ମଞ୍ଜୁର କରିଛନ୍ତି ?

----

## ମନ୍ଦିର ପୁନଃ ନିର୍ମାଣ

**2367 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦ୍ରାପଡ଼ା ମ୍ୟୁନିସପାଲଟିର କାକଟ ଗ୍ରାମରେ ବିଜେ ଶ୍ରୀ ଶ୍ରୀ ବିନୋଦ ବିହାରୀ ଜୀଉ ଓ ଶ୍ରୀ ଶ୍ରୀ ଗୋପିନାଥ ଜୀଉ ମନ୍ଦିର ଝଡ଼ ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ହେତୁ ତାର ପୁନଃନିର୍ମାଣ ନିମନ୍ତେ ଗତ ୨୦.୦୯. ୨୫ ରେ କେନ୍ଦ୍ରାପଡ଼ା ବିଧାୟକଙ୍କ ଅଣତାରକା ପ୍ରଶ୍ନ ସଖ୍ୟା "UDAQ No.୫୨୨ ର ଉତ୍ତରରେ" ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଅଛି ଏ ସଂକ୍ରାନ୍ତରେ କି କି ଅଗ୍ରଗତି ହୋଇଛି ?

----

## ନୂତନ ପ୍ରକଳ୍ପ ପାଇଁ DPR ପ୍ରସ୍ତୁତ

**2368 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ः**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାରେ ନିର୍ମାଣ ବିଭାଗ ଦ୍ୱାରା ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟକାରୀ ଓ ସ୍ଥାପନ ଉଦ୍ଦେଶ୍ୟରେ କେଉଁ କେଉଁ ନୂତନ ପ୍ରକଳ୍ପ (ଯଥା- ରାସ୍ତା, ପୋଲ/ସେତୁ, କାର୍ଯ୍ୟାଳୟ ଭବନ, କୋଠା ନିର୍ମାଣ ଇତ୍ୟାଦି) ପାଇଁ DPR ପ୍ରସ୍ତୁତ ହୋଇଛି ; ସମସ୍ତ ପ୍ରକଳ୍ପର ବ୍ଲକଭିତ୍ତିକ ବିଶେଷ ତଥ୍ୟ, ପ୍ରକଳ୍ପର ନାମ, DPR ପ୍ରସ୍ତୁତି ତାରିଖ, ଅର୍ଥ ଆକଳନ ରାଶି ଏବଂ ବର୍ତ୍ତମାନ ସ୍ଥିତି ସହ ସୂଚୀ ପ୍ରଦାନ କରିବେ କି?

----

## ମଠ ଓ ମନ୍ଦିର ମାନଙ୍କର ଜମି

2369 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର ଦେବୋତ୍ତର ବିଭାଗ ଅଧୀନରେ ଥିବା ସମସ୍ତ ପୁରାତନ ମଠ ଓ ମନ୍ଦିରମାନଙ୍କର ଜମି ଓ ସମ୍ପତ୍ତିର ସ୍ଥିତି, ଅବୈଧ ଦଖଲ ଥିବା ଜମିଗୁଡ଼ିକରୁ ସଂପୂର୍ଣ୍ଣ ତଥ୍ୟ, ଚାଲୁଥିବା ପୁନରୁଦ୍ଧାର ପ୍ରକଳ୍ପ ଏବଂ ପୂଜାରୀ - ସେବକଙ୍କ ପାଇଁ ସରକାରୀ ସୁବିଧା ବିଷୟରେ ସମଗ୍ର ତଥ୍ୟ ପ୍ରଦାନ କରିବେ କି ?

----

## SHG ମାନଙ୍କୁ ପ୍ରଶିକ୍ଷଣ

2370 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ସରକାରଙ୍କ "Mission Shakti" ଏବଂ livelihood-based ଯୋଜନା ଅଧୀନରେ ଭଦ୍ରକ ଜିଲ୍ଲାରେ କେତେ ମହିଳା SHG ମାନଙ୍କୁ ପ୍ରଶିକ୍ଷଣ ଏବଂ ବ୍ୟାଙ୍କ ସହାୟତା ଦିଆଯାଇଛି ; ବ୍ଲକ୍-ୱାରି କେତେ ମହିଳା ଉଦ୍ୟମୀ ୟୁନିଟ୍ ସ୍ଥାପିତ ହୋଇଛି ; ଭଦ୍ରକରେ ନୂତନ Mission Shakti Mart/Training Centre ଖୋଲିବା ପାଇଁ ସରକାରଙ୍କ ଯୋଜନା କେଉଁ ଅବସ୍ଥାରେ ରହିଛି ?

----

## NH -16 ଓ NH- 60 ର ପ୍ରଶସ୍ତିକରଣ କାର୍ଯ୍ୟ

2371 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲା ମାଧ୍ୟରେ ଚାଲୁଥିବା ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ-ବିଶେଷତଃ NH-16 ଓ NH-60 ର ବିସ୍ତାର ଏବଂ ପ୍ରଶସ୍ତିକରଣ କାମ-ଚିଙ୍ଗୁଡିପୁର, ନଳାଙ୍ଗ ଏବଂ ରାଣୀତାଲ ନିକଟରେ ଦୀର୍ଘ ସମୟ ଧରି ଅପୂର୍ଣ୍ଣ ରହିଥିବାରୁ ସାଧାରଣ ଲୋକ ଅତ୍ୟନ୍ତ କଷ୍ଟଭୋଗ ହେଉଛନ୍ତି ଏବଂ ଧନଜୀବନ ନଷ୍ଟ ହେଉଛି, ସେଥିପାଇଁ କାମ ବିଳମ୍ବ ହେବାର ପ୍ରମୁଖ କାରଣ କ'ଣ ; ଠିକାଦାର/ଏଜେନ୍ସୀଙ୍କୁ କେବେ ସୁଦ୍ଧା କାର୍ଯ୍ୟ ସମାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ; ଚାଲୁ କାମଗୁଡ଼ିକ ତୁରନ୍ତ ସମାପନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଛତୁଆ ନିର୍ମାଣ ଓ ବିତରଣରେ ଅବ୍ୟବସ୍ଥା

2372 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାରେ ଅଙ୍ଗନୱାଡି କେନ୍ଦ୍ରମାନଙ୍କର ଜରିଆରେ ବିତରଣ ହେଉଥିବା ପୃଷ୍ଟିକର ଛତୁଆ ନିର୍ମାଣ ଓ ବିତରଣରେ ଅବ୍ୟବସ୍ଥା ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି, ଯଦି ହଁ, ତେବେ ଅଙ୍ଗନୱାଡି କେନ୍ଦ୍ର ମାନଙ୍କର ବିତରଣ ହେଉଥିବା ପୃଷ୍ଟିକର ଛତୁଆ ନିର୍ମାଣ ଓ ବିତରଣ ବ୍ଲକକୁ ନେଇ ଗୋଟିଏ Unit କରି କରାଯାଉଥିବାରୁ ନାନା ସମସ୍ୟା ଦେଖାଯାଉଛି, ଏହି ଛତୁଆ Unit ଗୁଡ଼ିକକୁ ବ୍ଲକରୁ କାଢି ଜିଲ୍ଲା ପରିଷଦ ଜୋନ unit ବା ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତକୁ ନେଇ ଗୋଟିଏ unit କରାଗଲେ ଗ୍ରାମାଞ୍ଚଳ ମହିଳାମାନେ ଅଧିକ କାମ ଓ ରୋଜଗାର ପାଇବା ସଙ୍ଗେ ସଙ୍ଗେ ଏହାର ସୁଷମ ବଣ୍ଟନ ଦିଗରେ ବିଚାର କରିବେ କି ?

----

**Steps taken to improve the quality of Mid -day meals**

**2373 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Despite improvements, Odisha still has 9,877 children suffering from Severe Acute Malnutrition (SAM), with stunting at 31% and wasting at 18.1%. For Puri district; How many SAM children have been identified in Puri district in 2024-25, and what is the recovery rate; What steps are being taken to improve the quality and nutritional value of mid-day meals, given reports of substandard take-home rations; Are there plans to introduce millet-based nutritious meals in Satyabadi Anganwadis, similar to Odisha's Millet Mission initiatives?

----

**"Blcaklist Register"of Contractors**

**2374 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a ) What criteria and weightage are applied when re-issuing contracts to construction agencies found guilty of previous substandard work (b) Whether the Works Department maintains a 'Blacklist Register of contractors with documented quality failures, and whether this is accessible to block-level implementing agencie and How are disputes between Works Department engineers and contractors regarding quality standards being adjudicated, and what is the average resolution timeframe ;Whether artificial intelligence-based surveillance systems (as advocated by the Minister) have been deployed on major ongoing projects in Satyabadi for real-time quality and progress monitoring ?

----

**Number of Homestays approved under the Odisha Homestays Establishment Scheme 2025**

**2375** **Shri Om Prakash Mishra (Satyabadi):**

Will the Minister for **Deputy Chief Minister** be pleased to state that:- Under the Odisha Homestay Establishment Scheme 2025, which targets 450 homestays with Rs. 50 crore allocated through 2029-30, how many homestays have been approved or are under process in Satyabadi constituency; What specific capacity-building support and marketing assistance will be provided to rural women SHGs in my constituency to participate in this scheme; Are there dedicated extension officers for homestay facilitation in each block of Satyabadi?

----

**Spurious Liquor incidents**

**2376** **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The state has witnessed alarming spurious liquor-related casualties, with 231 deaths recorded between 1992-2019 and recent tragic incidents in Chikiti (Ganjam) claiming multiple lives in 2024. Further, fake foreign liquor manufacturing rackets have been busted in Mayurbhanj (November 2025), Dhenkanal (October 2025) and Paradip (April 2024). (a) Despite the "zero-tolerance policy" announced in November 2024, how many arrests have been made and prosecutions completed in spurious liquor cases during 2025; What is the conviction rate; (b) What is the status of criminal proceedings against the excise officers whose collusion was suspected in the Chikiti hooch tragedy and CAG-identified manipulation cases and are forensic testing protocols and Chemical composition analysis now mandatory for all seized counterfeit liquor and are results being made public to warn consumers; How many new excise enforcement stations (out of the proposed 25) have been operationalized since August 2024 and what budgetary allocation has been provided to combat illicit distilleries in each revenue division?

----

**Number of SHGs trained under Mission Shakti Digital Sakhi**

**2377** **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number of SHGs in Satyabadi trained under Mission Shake Digital Sakhi or similar banking/digital skills initiatives since 2023; (b) Percentage of WSHGs linked with e-commerce portals or digital payment systems and any initiatives to bridge the digital

divide in rural SHGs ?

----

## ଅଙ୍ଗନୱାଡ଼ି କେନ୍ଦ୍ର ଓ ଉପକେନ୍ଦ୍ର ସ୍ଥାପନ

**2378 ଶ୍ରୀ ମାଧବ ଧଡା (ସୋରୋ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଅଦ୍ୟାବଧି ସୋରେ ନିର୍ବାଚନ ମଣ୍ଡଳୀ ରେ ମୋଟ କେତୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ଏବଂ ବିପଦ ଶଙ୍କୁଳ ଅବସ୍ଥାରେ ଅଛି, ଏବଂ ଚଳିତ ବର୍ଷ କେତୋଟି ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କରିଛନ୍ତି ଏବଂ କରିଛନ୍ତି ତାର ଏକ ଗ୍ରାମପଞ୍ଚାୟତ ୱାରୀ ଅଗନାୱାଡି କେନ୍ଦ୍ରର ନାମ ସହିତ ତାଲିକା ପ୍ରଦାନ କରିବେ କି ଏବଂ ଅଦ୍ୟାବଧି କେଉଁଠାରେ କେତୋଟି କେନ୍ଦ୍ର ଓ ଉପ-କେନ୍ଦ୍ରର ଗୃହଅଛି ତନ୍ମଧ୍ୟର କେଉଁଗୁଡିକର ନିଜସ୍ୱ ଗୃହଅଛି ଏବଂ କେଉଁଗୁଡିକ ଭଡାଘରେ ଚାଲୁଛି ତାର ଏକ ତାଲିକା ଦେବାସହ କେଉଁ କେନ୍ଦ୍ରଗୁଡିକୁ ଆର୍ଥିକ ଅନୁଦାନ ପାଇ କାର୍ଯ୍ୟ ହୋଇପାରିନାହିଁ, ତାର କେନ୍ଦ୍ରଗୁଡିକର ନାମସହ ସମ୍ପୂର୍ଣ ବିବରଣୀ ଉପସ୍ଥାପନା କରିବେ କି, ଅସଂପୂର୍ଣ୍ଣ ଥିବା କେନ୍ଦ୍ରଗୁଡିକୁ କେବେ ସୁଦ୍ଧା ଅନୁଦାନ ଦେଇ ସେଗୁଡିକୁ ପୂର୍ଣ୍ଣାଙ୍ଗ କରାଯିବ ; (ଖ) ଅଦ୍ୟାବଧି ସୋରୋ ନିର୍ବାଚନ ମଣ୍ଡଳୀରେ କେଉଁ ବ୍ଲକର କେତୋଟି ନୂତନ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ cdpoଙ୍କ ତରଫରୁ ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ଦୂରତା ଛୋଟ ଶିଶୁମାନଙ୍କ ଯାତାୟତ ପାଇଁ ସହଜ ସାପେକ୍ଷ ହୋଇପାରୁନାହିଁ, ଉଦାହରଣ ସ୍ୱରୂପ- ୩ ବର୍ଷର ଶିଶୁକୁ ପ୍ରାୟ 1 କି.ମି. ରୁ ଉର୍ଷ ଦୂରତ୍ୱ ଯିବାକୁ ପଡୁଛି ତେଣୁ ଅଧିକ ଅଙ୍ଗନୱାଡି କେନ୍ଦ୍ର ଓ ଉପକେନ୍ଦ୍ରର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଅଧିକ ଅଙ୍ଗନୱାଡି ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

## ସୁଭଦ୍ରା ଶକ୍ତି ଓ ମିଶନ ଶକ୍ତି ଯୋଜନା ମଧ୍ୟରେ ପାର୍ଥକ୍ୟ

**2379 ଶ୍ରୀ ମାଧବ ଧଡା (ସୋରୋ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ମହିଳାମାନଙ୍କ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ସୋରୋ ନିର୍ବାଚନ ମଣ୍ଡଳୀରେ ଗତ 12 ମାସ ମଧ୍ୟରେ କେଉଁ କେଉଁ ଗ୍ରାମପଞ୍ଚାୟତରେ କେତେଜଣ ଲକ୍ଷପତି ଦିଦି ସୃଷ୍ଟି ହେଲେଣି ତାର ଗ୍ରାମପଞ୍ଚାୟତ ୱାରୀ ତାଲିକା ସହ ଚଳିତ ବର୍ଷ କେତେ "ଲକ୍ଷପତି ଦିଦି" ସୃଷ୍ଟି କରାଯାଇଛି ଜଣାଇବେ କି; (ଖ ) ସୋରୋ ନିର୍ବାଚନ ମଣ୍ଡଳୀରେ କେତେ ଜଣ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି ଗ୍ରାମପଞ୍ଚାୟତ ୱାରୀ ଆବେଦନ କାରୀଙ୍କ ତାଲିକା ପ୍ରଦାନ କରିବା ସହିତ ବାଦ ପଡ଼ିଥିବା ମହିଳା ମାନଙ୍କୁ 'ସୁଭଦ୍ରା ଯୋଜନା' ଅନ୍ତର୍ଭୁକ୍ତ କରାଇବା ନିମନ୍ତେ ବିହିତ ପଦକ୍ଷେପ ନେଇ ସେମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ପାଇଁ କ୍ଷେତ୍ର ପରିଦର୍ଶନ କରି ପଦକ୍ଷେପ ନେବେ କି ଓ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରାଶକ୍ତି ଓ ମିଶନ ଶକ୍ତି ଯୋଜନା ମଧ୍ୟରେ ପାର୍ଥକ୍ୟ କ'ଣ ଜଣାଇବେ କି ?

----

## ମିଶନଶକ୍ତି ଉତ୍ପାଦନର ବଜାରି କରଣ

**2380 ଶ୍ରୀ ମାଧବ ଧଡା (ସୋରୋ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରେ ନିର୍ବାଚନ ମଣ୍ଡଳୀରେ ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ସୋରୋ ଓ ବାହାନଗା ବ୍ଲକ ସହିତ ସୋରୋ ମୁନସିପାଲିଟିର କି କି ସଫଳତା ତଥା ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି; ସୋରୋ ଓ ବାହାନଗା ବ୍ଲକର ମିଶନ ଶକ୍ତି ସଦସ୍ୟା ମାନଙ୍କର ଦକ୍ଷତା ବିକାଶ ନିମନ୍ତେ ସରକାର କେଉଁ କେଉଁ ଯୋଜନା କାର୍ଯ୍ୟ କରୁଅଛି ଏବଂ ମିଶନ ଶକ୍ତି ଉତ୍ପାଦନ ଗୁଡିକର ବଜାର ସମ୍ପ୍ରସାରଣ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି; (ଖ) ବିଗତ ତିନି ବର୍ଷରେ ସୋରୋ ଓ ବାହାନଗା ରୀ ବ୍ଲକ ଓ ସୋରୋ ପୌରସଂସ୍ଥାରେ ମିଶନ ଶକ୍ତି ମାଧ୍ୟମରେ କେତେ ସାମଗ୍ରୀ ଉତ୍ପାଦିତ ହୋଇଛି ଓ ତାହା ବିକ୍ରୀ ମାଧ୍ୟମରେ କେତେ ଅର୍ଥ ଆୟ ହୋଇଛି ଏବଂ ସୋରୋ ନିର୍ବାଚନ ମଣ୍ଡଳୀର ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା ପାଇଁ କି ପଦକ୍ଷେପ ନିଆଯାଇଛି ପ୍ରକାଶ କରି ସୋରୋ ପୌରସଂସ୍ଥାରେ ମିଶନ ଶକ୍ତି ଉତ୍ପାଦନର ବଜାର ପାଇଁ ତୁରନ୍ତ ବ୍ୟବସ୍ଥା କରିବେ କି ଓ ବିଭିନ୍ନ ସରକାରୀ ଓ ସରକାରୀ ଅନୁଷ୍ଠାନ ନିର୍ମିତ୍ ସାମଗ୍ରୀର କ୍ରୟ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ସିନ୍ଧୁଆ ଡ୍ୟାମର ସୌନ୍ଦର୍ଯ୍ୟକରଣ

2381 **ଶ୍ରୀ ମାଧବ ଧଡା (ସୋରୋ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରୋ ବ୍ଲକ ଅନ୍ତର୍ଗତ ସିନ୍ଧୁଆ Damର ଉନ୍ନତିକରଣ ପାଇଁ ପୂର୍ବ ସରକାର ଅର୍ଥ ମଂଜୁର କରିଥିଲେ କିନ୍ତୁ 2 ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ; ଏ ସମ୍ପର୍କରେ ସରକାର କି ପଦକ୍ଷେପ ନେଇଛନ୍ତି ତଥ୍ୟ ପ୍ରଦାନ କରିବେ କି ଓ ଏଠାରେ ନୂତନଭାବେ କୌଣସି ସୌନ୍ଦର୍ଯ୍ୟକରଣ କରାଯାଇ ନଥିବାରୁ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଉଥିବା କଥା ସତ୍ୟ କି; ଯଦି ଉତ୍ତର ହଁ ହୁଏ ତେବେ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବ୍ୟବସ୍ଥା କରିବେ କି ଏବଂ ଏହାର ପରି ପାର୍ଶିକ ଉନ୍ନତି କରଣ କରିବା ପାଇଁ ବିଚାର କରିବେ କି; (ଖ) ସୋରୋ ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଆରୁହାବାଡ଼ ଗ୍ରାମପଞ୍ଚାୟତର ଉପଖଣ୍ଡର ସମୁଦ୍ର ବେଳାଭୂମିରେ ବାରୁଣୀ ସ୍ନାନ ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି ଆସିଥାଏ ତେବେ ଉକ୍ତ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀଭାବେ ମାନ୍ୟତା ପ୍ରଦାନ କରି ଚଳିତ ଆର୍ଥିକ ବର୍ଷରେ ଏହାର ପରି ପାର୍ଶିକ ଉନ୍ନତି କରଣ କରିବା ପାଇଁ ବିଚାର କରିବେ କି ଓ ପର୍ଯ୍ୟଟକ ପରିଭ୍ରମଣରେ ଆସୁଥିବାରୁ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସହିତ ପାନ୍ଥଶାଳା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବେ କି?

----

## ମଠ ମନ୍ଦିରର ପିରଚାଳନା

2382 **ଶ୍ରୀ ମାଧବ ଧଡା (ସୋରୋ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଓଡ଼ିଶାର ହାଇକୋର୍ଟରେ ସୋରୋ ନିର୍ବାଚନ ମଣ୍ଡଳୀର ନିର୍ମାଣଧୀନ indoor stadium hall ଓ ଜାତୀୟ ରାଜପଥଠାରୁ ମଙ୍ଗଳପୁର ଭାୟା ବାଗୁଡ଼ି PWD ରାସ୍ତାର ମାମଲା କେବେ କେବେଠାରୁ ବିଚାରାଧୀନ ଅଛି; ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ପରାମର୍ଶ କ୍ରମେ ରାଜ୍ୟ ସରକାର ନିଜର କ୍ଷମତା ପରିସର ମଧ୍ୟରେ ଅବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ଯାହାଦ୍ୱାରା କି ଜନସାଧାରଣଙ୍କ ଦାବି ପୂରଣ ହୋଇପାରିବ; (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ ଦେବୋତ୍ତର ବିଭାଗର ଇଣ୍ଡେକ୍ସରେ କେତେଗୋଟି ମନ୍ଦିର, ମଠ ସର୍ବପୁରାତନ ଅଟେ, ବିଗତ ୫ ବର୍ଷରେ ସରକାରଙ୍କ ତରଫରୁ ମଠ, ମନ୍ଦିର ପରିଚାଳନା ଓ ଉନ୍ନତି କଳ୍ପେ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି କି; ଯଦି ହଁ ତେବେ କେଉଁ ମଠ, ମନ୍ଦିର ଗୁଡ଼ିକ କେତେ ଆର୍ଥିକ ଅନୁଦାନ ପାଇଛନ୍ତି, ପୁରାତନ ଓ ଐତିହ୍ୟ ସମ୍ପନ୍ନ ମଠ, ମନ୍ଦିର ଗୁଡ଼ିକର ସୁପରିଚାଳନା, ସଂରକ୍ଷଣ ଓ ଉନ୍ନତି କଳ୍ପେ ସରକାରଙ୍କ ପକ୍ଷରୁ କିଛି ନୂତନ ପଦକ୍ଷେପ ଗ୍ରହଣ କରିଅଛନ୍ତି କି ?

----

## ଅଙ୍ଗନୱାଡ଼ି ଛାତ୍ରଙ୍କ ବିବରଣୀ

**2383 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ପ୍ରତିବର୍ଷ କେତେ ପିଲା ଅଙ୍ଗନୱାଡି କେନ୍ଦ୍ରରେ ଯୋଗଦିଅନ୍ତି, ତାର ଜିଲ୍ଲାୱାରୀ ଓ ବ୍ଲକୱାରୀ ତାଲିକା ଦେବା ସହ ପ୍ରତି ପିଲା ପାଇଁ ମାସକୁ କେତେ ଟଙ୍କା ପାଠ୍ୟ ଉପକରଣ, ଖେଳ, ଖାଦ୍ୟ ଇତ୍ୟାଦିରେ ଖର୍ଚ୍ଚ କରାଯାଏ; ଯେତିକି ପିଲା ଅଙ୍ଗନୱାଡିରେ Admission ନେଉଛନ୍ତି, ସେମାନଙ୍କର ପାଠପଢ଼ା ସରିବା ପରେ ସେମାନେ କେଉଁ କେଉଁ ଅନୁଷ୍ଠାନ/ସ୍କୁଲରେ ଭର୍ତ୍ତି ହେଉଛନ୍ତି, ତାର ହିସାବ ସରକାରଙ୍କ ପାଖରେ ଅଛି କି ?

----

## ପେଟ୍ରୋଲିଂ ବଢ଼ାଇବା ପାଇଁ ବ୍ୟବସ୍ଥା

**2384 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରିରେ ଅବକାରୀ ବିଭାଗ ଦ୍ୱାରା ଗତ ୩ ବର୍ଷରେ କେତେ ମାମଲା Register ହୋଇଛି, କେତେ ଅବକାରୀ ବସ୍ତୁ ଜବତ ଓ କେତେ ଅଭିଯୁକ୍ତ ଗିରଫ ହୋଇଛନ୍ତି, ସରକାର ତାର ଏକ ବିବରଣୀ ଅବଗତ କରାଇବା ସହ Excise ବିଭାଗ ରାତିରେ ପେଟ୍ରୋଲିଂ ବଢ଼ାଇବାକୁ କିଛି ବ୍ୟବସ୍ଥା କରିଛନ୍ତି କି ?

----

## Allotmentର ବିବରଣୀ ପ୍ରଦାନ

**2385 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ Works Department ଅଧୀନରେ କେତୋଟି Division ଓ କେତୋଟି Sub-division ଅଛି; ଏହି ସମସ୍ତ Division ଓ Sub-divisionରେ ଯେତେ ସଂଖ୍ୟକ SE, AE, AEE ରହିବା କଥା, ସେତିକି ଅଛନ୍ତି କି; ଯଦି ଖାଲି ରହିଛି, ଖାଲିଥିବା ପଦବୀ ସରକାର କେବେ ସୁଦ୍ଧା ପୂରଣ କରିବେ; (ଖ) ଗତ ୨ ବର୍ଷରେ ଓଡ଼ିଶାରେ ସର୍ବାଧିକ Allotment କେଉଁ division/Sub- division କୁ ଯାଇଛି ଏବଂ ସର୍ବନିମ୍ନ କେଉଁ division/Sub-division କୁ ଯାଇଛି ଏବଂ ତାର ପରିମାଣ କେତେ; ଯେତିକି Allotment ଯାଇଥିଲା, ସେଥିରୁ କେତେ ପରିମାଣର ଅର୍ଥ ଖର୍ଚ୍ଚ ହୋଇଛି, ତାହା ଜଣାଇବା ସହ ଏହିସବୁ Allotment କେଉଁ ଆଧାରରେ ଦିଆଯାଏ ?

----

## ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ

2386 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୧ ବର୍ଷ ମଧ୍ୟରେ ସୁଭଦ୍ରା ଯୋଜନାରେ କେତେ ହିତାଧିକାରୀଙ୍କୁ କେତେ ଟଙ୍କା ପ୍ରଦାନ କରାଯାଇଛି, ସରକାର ତାର ଏକ ଜିଲ୍ଲା ଓ ବ୍ଲକୱାରୀ ତାଲିକା ଗୃହରେ ଉପସ୍ଥାପନ କରିବେ କି ?

----

## ରେତ ଜଳ ସେଚନ ପ୍ରକଳ୍ପର ଉନ୍ନତି

2387 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନର୍ଲା ନିର୍ବାଚନ ମଣ୍ଡଳୀ ନର୍ଲା ବ୍ଲକ ଅନ୍ତର୍ଗତ ରେତ ଜଳ ସେଚନ ପ୍ରକଳ୍ପ ବୋସଗୁଡ଼ା, ଏହାର ଭରପୁର ପ୍ରାକୃତିକ ସୌନ୍ଦର୍ଯ୍ୟ ବିରାଟ ଜଳାସୟ ଅବସ୍ଥିତ ଦୃଷ୍ଟି କୋଣରୁ ଅତ୍ୟନ୍ତ ଉପଯୋଗୀ ଏହାକୁ ଅନୁଧ୍ୟାନ କରି ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନର ଉନ୍ନତି ପାଇଁ ବିଭାଗ ତରଫରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ; ପୁଣି ସେଠାରେ ବୋଟିଙ୍ଗର ସୁବିଧା କରାଗଲେ ସୁନ୍ଦର ପର୍ଯ୍ୟଟନସ୍ଥଳୀ ହୋଇ ପାରିବ ?

----

## ନୋଟାରୀ ନିଯୁକ୍ତି

2388 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନର୍ଲା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କୋର୍ଟରେ ନୋଟାରୀ ନିଯୁକ୍ତି କରିବା ପାଇଁ ଦାବୀପତ୍ର ଦେଇଥିବା ପରିପ୍ରେକ୍ଷୀରେ ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ?

----

## ଟେଣ୍ଡର ହୋଇଥିବା କାମର ସ୍ଥିତି

2389 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ ଜୁନ ମାସଠାରୁ ଚଳିତ ମାସ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାର ବିଶେଷକରି ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ କାମ ଟେଣ୍ଡର ହୋଇଛି ଓ ଏହାର ସ୍ଥିତି କଣ, କେଉଁମାନେ ଟେଣ୍ଡର ପାଇଛନ୍ତି; ସେମାନଙ୍କର ନାମ ଓ ଠିକଣା ପ୍ରଦାନ କରିବେ କି ?

----

## ବିନା ଟେଣ୍ଡରରେ ଠିକାଦାରଙ୍କୁ କାମ ବଣ୍ଟନ

2390 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି R & B ଡ଼ିଭିଜନରେ ବିଗତ ୧୦ ବର୍ଷ ମଧ୍ୟରେ କେତେଗୋଟି ପ୍ରକଳ୍ପ ୧୦ ଲକ୍ଷରୁ କମରେ କେଉଁ କେଉଁ ପ୍ରକଳ୍ପ ପାଇଁ ବିନା ଟେଣ୍ଡରରେ କେଉଁ କେଉଁ ଠିକାଦାରମାନଙ୍କୁ ବଣ୍ଟନ କରାଯାଇଅଛି ?

----

## ପାରିଶ୍ରମିକ ବୃଦ୍ଧି

2391 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଙ୍ଗନବାଡ଼ି କର୍ମୀ ଓ ହେଲପର ମାନଙ୍କୁ ମାସିକ କେତେ ପାରିଶ୍ରମିକ ପ୍ରଦାନ କରାଯାଉଛି ପ୍ରକାଶ କରି ବଜାର ଦର ବୃଦ୍ଧି ପରିପ୍ରେକ୍ଷୀରେ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## କଟକ ବାଦାମ ବାଡ଼ି ରାସ୍ତାର ସୌନ୍ଦର୍ଯ୍ୟ କରଣ

2392 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ବାଦାମବାଡ଼ି ରାସ୍ତାର ମେଡ଼ିଆନ ସହିତ ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ସହିତ ଟ୍ରାଫିକ ସମସ୍ୟା ହ୍ରାସ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମିଶନ ଶକ୍ତି ଗୃହ ନିର୍ମାଣ

2393 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରତ୍ୟେକ ମିଶନ ଶକ୍ତି ମହିଳା ଗ୍ରୁପ ନିମନ୍ତେ ଏକ ପ୍ରତିବ୍ଲକ ସଦର ମହକୁମାରେ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପାନୀୟ ନିଗମର ଆୟ

2394 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ପାନୀୟ ନିଗମ ତରଫରୁ ବିଗତ ତିନି ବର୍ଷରେ କେତେ ଟଙ୍କାର ବ୍ୟବସାୟ କରାଯାଇ ନିଟ କେତେ ଲାଭ ବା କ୍ଷତି ହୋଇଛି ?

----

### Fund Allocation to Mission Sakti

2395 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What is the number of self-help groups (SHGs) formed under Mission Shakti across Odisha, district-wise, including Balangir district; What is the total funds allocated and utilized for capacity building, livelihood support and skill development of women under Mission Shakti; What measures have been taken to ensure effective monitoring, training and empowerment of women beneficiaries under Mission Shakti?

----

### Improvement of Health and nutrition in Bolangir

2396 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What steps the Government has taken to improve the health, nutrition and overall development of women and children, particularly in Balangir; Whether any new schemes or programs have been launched in the last three years to prevent malnutrition, early marriage and child labor; If so, the details of these programmes, funds allocated and outcomes achieved?

----

### Construction Project in Bolangir

2397 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What steps has the Government taken to ensure proper maintenance of existing public roads and drainage systems in Balangir district; How does the Government monitor the quality of construction in ongoing infrastructure projects such as schools, health centers, and stadiums in Balangir district; What measures are being taken to prevent delays in rural road and bridge projects in Balangir district, and how are contractors held accountable; Has the Government taken steps to involve local communities in monitoring public works projects in Balangir district, and if so, what has been the outcome?

----

## Increase tourist footfall in Bolangir

2398 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- What measures has the Government taken to increase tourist footfall in Balangir district in the past three years; How does the Government plan to ensure the safety and convenience of tourists visiting remote and rural sites in Balangir district; What steps have been taken to promote Balangir district as a tourist destination through digital media, brochures and tourism campaigns?

----

## ଦେବଗଡ଼ରେ ପର୍ଯ୍ୟଟନ ବିକାଶ

2399 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଦେବଗଡ଼ ଜିଲ୍ଲାରେ ଜଳ ପ୍ରପାତ ଭଳି ଅନେକ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ରହିଥିବା ବେଳେ ସରକାର ଗତ ଦୁଇ ବର୍ଷ ମଧ୍ୟରେ ଏହାର ବିକାଶ ନିମନ୍ତେ କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେତେ କାର୍ଯ୍ୟକାରୀ ହୋଇଛନ୍ତି ?

----

## ନିଶାମୁକ୍ତ ଓଡ଼ିଶା ଗଠନ

2400 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡିଶାର ୩୦ଟି ଯାକ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଚାଲିଥିବା ଦୃଷ୍ଟିକୁ ଆସିଛି କି, ଏହାକୁ ଆଖିଆଗରେ ରଖି ଓଡିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଲାଗି କଣ ସବୁ ପଦକ୍ଷେପ ହାତକୁ ନେଉଛନ୍ତି ଏବଂ ୨୦୨୯ ସୁଦ୍ଧା ରାଜ୍ୟ ସମ୍ପୂର୍ଣ୍ଣ ନିଶାମୁକ୍ତ ହେବ କି ?

----

## ପୂର୍ତ୍ତ ରାସ୍ତା ତାଲିକା ପ୍ରଦାନ

2401 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଦେବଗଡ଼ ଜିଲ୍ଲାରେ କେତେ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ଅଛି; ତାହାର ଉପଖଣ୍ଡୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଚଳିତ ବର୍ଷ କେଉଁ କେଉଁ ରାସ୍ତାକୁ ନୂତନ ଭାବେ ସାମିଲ୍ କରିବା ସହିତ ନିର୍ମାଣ କରିବାର ଯୋଜନା ଅଛି ?

----

## Uniform Land Policy କମିଟିର ବୈଠକ

**2402 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦୀର୍ଘ ବର୍ଷ ଧରି ନିଜ ଭିଟା ମାଟିରେ ବସବାସ କରିଆସୁଥିବା ପୁରୀ ସହରର ବାସିନ୍ଦାମାନଙ୍କ ସମ୍ପତ୍ତିର ROR ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଉଲ୍ଲେଖ ରହିଛି ଯାହାକୁ ସରଳୀ କରଣ କରିବା ପାଇଁ ବିଭିନ୍ନ ବିକ୍ରିମୂଲ୍ୟ ବିଭିନ୍ନ ଶ୍ରେଣୀ ପାଇଁ ଧାର୍ଯ୍ୟ କରାଯାଇ Uniform Land Policy ଜରିଆରେ Special drive ମାଧ୍ୟମରେ ସମାଧାନ କରିବାର ନିଷ୍ପତ୍ତି ନିଆଯାଇଥିଲା Uniform Land Policy ପାଇଁ ଗଠିତ କମିଟି କେତେଥର କେଉଁ କେଉଁ ତାରିଖରେ ବସିଛି ଏବଂ ଏହି ଦିଗରେ ବିଭାଗ କି କି ପଦକ୍ଷେପ ଗ୍ରହଣ କରିସାରିଲେଣି ?

----

## ପାରିପାର୍ଶ୍ୱିକ ବିକାଶ

**2403 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଧାର୍ମିକ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ସରକାର ହାତକୁ ନେଇଛନ୍ତି, ସେଥିପାଇଁ କେତେ ସମୟ ଧାର୍ଯ୍ୟ କରାଯାଇଛି ଓ କେତେ ବ୍ୟୟ ବରାଦ କରାଯାଇଛି, ଇତିମଧ୍ୟରେ ଉକ୍ତ ବିକାଶ କାର୍ଯ୍ୟର କେଉଁ ପ୍ରକଳ୍ପର କେତେ ଅଂଶ ସମ୍ପୂର୍ଣ୍ଣ ହୋଇଛି ଓ ସେଥିପାଇଁ କେତେ ଶତାଂଶ ଅର୍ଥ ବ୍ୟୟ ହୋଇଛି, ଅବଶିଷ୍ଟ କାର୍ଯ୍ୟ କେବେସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି, ଆଉ କେଉଁ ଧାର୍ମିକ ସ୍ଥଳୀର ବିକାଶ କାର୍ଯ୍ୟ କରିବାକୁ ପ୍ରସ୍ତାବ ରଖିଛନ୍ତି ?

----

## ପାନ୍ଥ ନିବାସର ଲାଭ କ୍ଷତି

**2404 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ପାନ୍ଥ ନିବାସ ଓ ପାନ୍ଥିକା ଅଛି, ତନ୍ମଧ୍ୟରୁ କେତୋଟି ଲାଭରେ ଚାଲିଛି ଓ କେତୋଟି ରୁଗ୍ଣ ଅବସ୍ଥାରେ ଅଛି, କେତେ ପାନ୍ଥ ନିବାସ/ପାନ୍ଥିକାକୁ ଘରୋଇ କରଣ କରାଯାଇଛି, ସରକାରଙ୍କଠାରୁ ଅନୁମତି ନେଇ ଘରୋଇ ଉଦ୍ୟମରେ କୌଣସି ପାନ୍ଥ ନିବାସ/ପାନ୍ଥିକା ସ୍ଥାପନ କରାଯାଇଛି କି, ଯଦି ଉତ୍ତର ନାଁ ହୁଏ, ତେବେ ଘରୋଇ ଉଦ୍ୟମରେ ସ୍ଥାପନା ପାଇଁ ଅନୁମତି ପ୍ରଦାନ କରିବାକୁ ବିଚାର କରିବେ କି, କେଉଁ କେଉଁ ସ୍ଥାନରେ ନୂଆ ପାନ୍ଥ ନିବାସ/ପାନ୍ଥିକା ପ୍ରତିଷ୍ଠା କରିବାକୁ ସରକାର ଯୋଜନା ରଖିଛନ୍ତି ?

----

## ସିମୁଳିଆ IB ର ମରାମତି

**2405 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତୋଟି IB ଅଛି, ତନ୍ମଧ୍ୟରୁ ସିମୁଳିଆ ନିର୍ବାଚନ ମଣ୍ଡଳୀରେ କେତୋଟି କେଉଁ କେଉଁ ସ୍ଥାନରେ ଅବସ୍ଥିତ, ଉକ୍ତ IB ଗୁଡିକର ଅବସ୍ଥା ଅତି ଜରାଜୀର୍ଣ୍ଣ ଓ ରୁଗ୍ଣ ଭାବେ ପଡି ରହିଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଏଣୁ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଅଣ୍ଡା ବାବଦରେ ଅର୍ଥ ବଢାଇବା ପାଇଁ ପଦକ୍ଷେପ

2406 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଅଙ୍ଗନୱାଡି ଗୁଡିକରେ କେତେ ସଂଖ୍ୟକ ଶିଶୁଙ୍କ ନାମ ପଞ୍ଜିକରଣ ହୋଇଛି ଓ ସେମାନଙ୍କୁ ପ୍ରତି ଦିନ କେତେ ମୂଲ୍ୟର କି କି ପ୍ରକାର ଖାଦ୍ୟ ଦିଆଯାଉଅଛି, ପ୍ରତି ମାସର ଅଙ୍ଗନୱାଡିର ଶିଶୁମାନଙ୍କୁ କେତୋଟି ଅଣ୍ଡା ପରଦାନ କରାଯାଉଛି ଓ ସମଗ୍ର ରାଜ୍ୟରେ ଏଥିପାଇଁ କେତେ ଅଣ୍ଡା ଆବଶ୍ୟକ ହେଉଛି, ବର୍ତ୍ତମାନ ଗୋଟିଏ ଅଣ୍ଡା କ୍ରୟ କରିବା ପାଇଁ ଅଙ୍ଗନୱାଡିକୁ କେତେ ଟଙ୍କା ପ୍ରଦାନ କରାଯାଉଅଛି ବଜାରର ଅମ୍ଭା ଦର ବୃଦ୍ଧି ହେଉଥିବାସ୍ଥଳେ ଅଣ୍ଡା ବାବଦରେ ଅର୍ଥ ବଢାଇବା ପାଇଁ ପଦକ୍ଷେପ ନେବେ କି ?

----

## ଛତୁଆ ନମୁନା ପରୀକ୍ଷା

2407 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ୨୦୨୦ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଛତୁଆ ନମୁନା କେଉଁଠାରେ ପରୀକ୍ଷା କରାଯାଇଛି, ଏଥିମଧ୍ୟରୁ କେତେ ନମୁନା ଖରାପ ବୋଲି ଦର୍ଶାଯାଇଛି, କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଜିଲ୍ଲା ୱାରୀ ରିପୋର୍ଟ ଦେବା ସହ ଛତୁଆ ମାନ ପରୀକ୍ଷା ପୂର୍ବରୁ ବଣ୍ଟନ ହେଉଥିବା କଥା ସତ୍ୟ କି, ଯଦି ଏହା ସତ୍ୟ ତେବେ ଏହାର ପରିବର୍ତ୍ତନ ପାଇଁ ପଦକ୍ଷେପ ନେବେ କି ?

----

## ଜମି ଆବଣ୍ଟନ

2408 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପର୍ଯ୍ୟଟନ ବିଭାଗର ଜମିର ପରିମାଣ କେତେ, ଏଥିମଧ୍ୟରୁ କେଉଁ ସଂସ୍ଥାକୁ କେତେ ମୂଲ୍ୟରେ ଜମି ବିକ୍ରି ବା ଲିଜ୍ ଆକାରରେ ଦିଆଯାଇଛି ?

----

## ବେଆଇନ ମଦ ବିକ୍ରୀ

2409 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ୨୦୨୦ ରୁ ଆଜିଯାଏଁ ବେଆଇନ ମଦ ଓ ବିଭିନ୍ନ ନିଶା ଦ୍ରବ୍ୟ କାରବାରରେ କେତେ ପୁରୁଷ, ମହିଳା, ନାବାଳକ ଗିରଫ ହୋଇଛନ୍ତି, ଏମାନଙ୍କ ଠାରୁ କେତେ ପରିମାଣର ନିଶା ସାମଗ୍ରୀ ଜବତ ହୋଇଛି, କେତେ ମହିଳା, ପୁରୁଷ, ନାବାଳକ ନିଶା ସେବନ କରୁଛନ୍ତି, ଏହାର ନିରାକରଣ ପାଇଁ କ'ଣ ବ୍ୟବସ୍ଥା କରାଯାଉଛି, ଏଥିପାଇଁ ବ୍ୟୟର ପରିମାଣ କେତେ?

----

## କୋର୍ଟ ପ୍ରତିଷ୍ଠା

2410 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର କେଉଁ କେଉଁ ନିର୍ବାଚନ ମଣ୍ଡଳୀରେ କୋର୍ଟ ପ୍ରତିଷ୍ଠା ହୋଇଛି ଏବଂ କେଉଁ କୋର୍ଟରେ କେତେ ସଂଖ୍ୟକ ବିଚାରପତି ଅଛନ୍ତି କୋର୍ଟୱାରୀ ତା'ର ତଥ୍ୟ ପ୍ରଦାନ କରିବେ କି, ନ୍ୟାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଯଥାସମ୍ଭବ ବିଚାର ଉଦ୍ଦେଶ୍ୟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ସରକାର ପଦକ୍ଷେପ ନେବେ କି ?

----

## ଅସ୍ତ୍ର ପ୍ରଦାନ

2411 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଥିବା ସମସ୍ତ ଅବକାରୀ ଥାନାମାନଙ୍କୁ ଗାଡି ଯୋଗାଇ ଦେଇଛନ୍ତି କି, ଯଦି ହଁ, ସେହି ଥାନାଗୁଡିକର ପ୍ରକୃତ ଅବକାରୀ କେଶ୍ ହାର ବୃଦ୍ଧି ପାଇଛି କି, ଯଦି ନାଁ ସମ୍ପୃକ୍ତ ଥାନାମାନଙ୍କର କେଶ୍ ହାର କମିଛି କିମ୍ବା target ଠାରୁ ଅଧିକ ହୋିଛି, (ଖ) ଅବକାରୀ କର୍ମଚାରୀମାନେ ପୋଲିସ୍ କର୍ମଚାରୀଙ୍କ ଭଳି ସଶସ୍ତ ତାଲିମ ଦିଆଯାଉଥିଲେ ସୁଦ୍ଧା ସେମାନଙ୍କୁ ଏବଂ ଥାନାମାନଙ୍କୁ ଆବଶ୍ୟକୀୟ ବନ୍ଧୁକ ଆଦି ଅସ୍ତ୍ର ପ୍ରଦାନ ନ କରିବାର କାରଣ କଣ ?

----

## ବିଚାରାଧୀନ ଥିବା କୋର୍ଟ କେଶ୍ ସଂଖ୍ୟା

2412 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଚାରାଧୀନ ପଡି ରହିଥିବା କୋର୍ଟ କେଶ୍ ମାନଙ୍କ ମଧ୍ୟରୁ 2024-25 ବର୍ଷରେ କେତେ ଫଇସଲା ହୋଇଛି ଏବଂ 2025 ଅକ୍ଟୋବର ଶେଷ ସୁଦ୍ଧା କେତୋଟି ଫଇସଲା ଓ କେତେ ବିଚାରାଧୀନ ରହୁଛି, ଲୋକ ଅଦାଲତ ମାନଙ୍କରେ କେଉଁ ଜିଲ୍ଲାରେ କେତେ କେଶ୍ 2024-25 ବର୍ଷରେ ଫଇସଲା କରାଯାଇଛି ?

----

## ରାସ୍ତା କାମର ବିବରଣୀ ପ୍ରଦାନ

2413 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଦିନକୁ କେତେ କିଲୋମିଟର ରାସ୍ତା କାମ କରିବା ପାଇଁ ସରକାର ଘୋଷଣା କରିଛନ୍ତି, ଭୁବନେଶ୍ୱରଠାରେ ଗତ ମଇ ମାସ (2025) ରେ କେଉଁ ସ୍ଥାନମାନଙ୍କରେ କେତେ କି.ମି. ରାସ୍ତା କାମ କରାଯାଇଥିଲା, ସେହି ରାସ୍ତା କାମ ଆଧୁନିକ ପ୍ରଣାଳୀରେ କରାଯାଇଛି କିମ୍ବା ଚିରାଚରିତ ପନ୍ଥା/ଢଙ୍ଗରେ, ତାହାର ଏକ ବିବରଣୀ ପ୍ରଦାନ କରିବେ କି, ମଧ୍ୟ ନିର୍ବାଚନ ମଣ୍ଡଳୀରେ କେତେ ଟଙ୍କା ଖର୍ଚ୍ଚରେ 2024-25 ବର୍ଷରେ କେତେ ରାସ୍ତା କାମ କେଉଁ ୱାର୍ଡମାନଙ୍କରେ କରାଯାଇଛି ?

----

## କର୍ମଚାରୀ ସଂଖ୍ୟା

2414 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- OB & CC କର୍ମଚାରୀ ସଂଖ୍ୟା କେତେ, କେଉଁ ଶ୍ରେଣୀର ଯଥା ଟେକ୍ନିକାଲ୍ ଓ ନନ୍-ଟେକ୍ନିକାଲ୍, ସେହି ପଦବୀ ମଧ୍ୟରୁ କେତେଜଣ ପଦବୀରେ କାର୍ଯ୍ୟ କରୁଛନ୍ତି ଓ କେତେ କେବେଠାରୁ ଖାଲି ପଡିଛି, OB & CC ର କାରବାର ପରିମାଣ ଅନୁଯାୟୀ କର୍ମଚାରୀ ଅଛନ୍ତି କି, କେଉଁ ସ୍ଥାନମାନଙ୍କରେ OB & CC କି ପ୍ରକାର ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିଛି, ଏଥିପାଇଁ ଲୋକବଳ ଯଥେଷ୍ଟ ଅଛନ୍ତି କିମ୍ବା କିଭଳି କାର୍ଯ୍ୟ ସମ୍ପାଦନ ହେଉଛି ?

----

## ବିଭାଗ ଅଧିନରେ ଥିବା ରାସ୍ତାର ତଥ୍ୟ

2415 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2023-24 ବର୍ଷ ରାଜ୍ୟରେ ସର୍ବମୋଟ କେତେ କି.ମି. ରାସ୍ତା ନିର୍ମାଣ ବିଭାଗ ଅଧିନରେ ଥିଲା ଓ ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି, 2024-25 ଓ 2025-26 ଆର୍ଥିକ ବର୍ଷ କେଉଁ ଜିଲ୍ଲାରୁ କେତେ କି.ମି. ରାସ୍ତା ପୂର୍ତ୍ତ ବିଭାଗ ଅଧିନକୁ ଆସିଛି ଓ କେତେ ନୂତନ ରାସ୍ତା ନିର୍ମାଣ କରାଯାଇଛି ?

----

## Number of tourist visiting Odisha

2416 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What is the number of tourist resisting Odisha in 2023-24, 2024-25 and 2025-26, will the Govt. furnish the amount of income generated from tourism sector year wise of last 3 years ?

----

## Number of cases pending

2417 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) How many cases of endowment matter are pending in the State Endowment commissioner, Dy. Commissioner and what steps is being proposed by the Govt. to speedy disposal of cases, (b) will the Govt. inform the fact about delay disposal of cases, if any and reason thereof ?

----

## Amount of revenue received from excise sector

2418 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What is the amount of revenue received by the State Govt. from excise sector in the State in last 3 year

including current year, (b) what is percentage of consumption of liquor by different age group (both male & female) if any survey conducted by the State Govt. ?

----

## ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ

**2419** **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେତେ ଗୋଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ତନ୍ମଧ୍ୟରୁ କେତେ ଗୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ ଏବଂ କେତେ ଗୋଟି ଜରାଜୀର୍ଣ୍ଣ ଅବସ୍ଥାରେ ଏହାର ନିଜସ୍ୱ ଗୃହ ନିର୍ମାଣ ପାଇଁ ଏବଂ ରକ୍ଷଣାବେକ୍ଷଣା କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଋଣ ପ୍ରଦାନ ତଥ୍ୟ

**2420** **Shri Nilamadhab Hikaka (Bissam-cuttack):**

Will the Minister for **Deputy Chief Minister** be pleased to state that:- ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ମିଶନ ଶକ୍ତି ଅଧୀନରେ ଗତ ପାଞ୍ଚ ବର୍ଷରେ ସମୁଦାୟ କେତେ ଋଣ ଦିଆଯାଇଛି, କେତେ ପରିଶୋଧ ହୋଇଛି, କେତେ ବକେୟା ରହିଛି ତାର ତଥ୍ୟ ପ୍ରଦାନ କରିବା ସହ ମିଶନ ଶକ୍ତି ଅନ୍ତର୍ଗତ ସମସ୍ତ ଯୋଜନା, କଣ ସବୁ ଜାରି ରହିଛି ?

----

## ରାସ୍ତା ପୁନଃଉଦ୍ଧାର

**2421** **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେତେ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ଏହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## NBCC ଅଧୀନରେ ଥିବା ପ୍ରକଳ୍ପ ସମ୍ପର୍କରେ

**2422** **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମକଟକ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ବ୍ଲକ ମଧ୍ୟରେ ବିଗତ 5 ବର୍ଷ ମଧ୍ୟରେ NBCC ଅଧୀନରେ ହୋଇଥିବା ପ୍ରକଳ୍ପ ଗୁଡିକ କଣ କଣ, ସମୁଦାୟ କେତେ ଅନୁଦାନ, କେଉଁ ପ୍ରକଳ୍ପ ପାଇଁ, କେବେ, କେତେ ଟଙ୍କା, କେଉଁ ଠାରେ, କେଉଁ ବାବଦରେ ଖର୍ଚ୍ଚ ହୋଇଛି, କେତେ ପ୍ରକଳ୍ପ କାମ ସରିଛି, କେତେ ଚାଲୁ ରହିଛି, କେତେ ୟୁସି ପ୍ରଦାନ କରାଯାଇଛି, କେତେ ପ୍ରକଳ୍ପ ର କେତେ ଟଙ୍କା ଅବଶିଷ୍ଟ ଅଛି, କେବେ ସୁଦ୍ଧା ସମାପ୍ତି ଅବଧି ରହିଛି ?

----

## ମଦ ଦୋକାନ ବିବରଣୀ

**2423 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୋହନା ନିର୍ବାଚନ ମଣ୍ଡଳୀରେ କେତୋଟି IMFL OFF Shop, On shop, Bear parlour & country liquor shop କେଉଁ କେଉଁ ସ୍ଥାନରେ ରହିଛି ତାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, (ଖ) ଚାଲୁଥିବା ସମସ୍ତ ମଦ ଦୋକାନ ସରକାରୀ ଅବକାରୀ ନିତୀ ଅନୁସାରେ ଥିବା ସତ୍ୟ ଅଟେ କି, ଉତ୍ତର ହଁ ହେଲେ, ସେ ସମସ୍ତଙ୍କୁ ଚିହ୍ନଟ କରାଇ ବିଶୃଙ୍ଖଳିତ କରୁଥିବା ଦୋକାନୀଙ୍କ ଉପରେ କି କି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ଏତଦ୍ ସହ U.D. ପ୍ରଶ୍ନ ସଂଖ୍ୟା-୧୨୦, dtd.-02.02.2022 ରିଖ ଉତ୍ତର ପରିପ୍ରେକ୍ଷୀରେ Irrigation IB ଠାରେ ଚାଲୁଥିବା liquor shop ଠାରୁ କେତେ ଦୂରରେ school ଏବଂ temple ଅବସ୍ଥିତ, ସେ ସମ୍ପର୍କିତ ତଥ୍ୟ ଉପରେ କାର୍ଯ୍ୟାନୁଷ୍ଠାନ କେତେ ଦିନ ମଧ୍ୟରେ ଗ୍ରହଣ କରିବେ ?

----

## ଜବରଦଖଲ ଉଚ୍ଛେଦ

**2424 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) JMC ଙ୍କଠାରୁ ପତ୍ର ସଂଖ୍ୟା 2582, dtd.22.07.2024 ଟିକୁ ମନ୍ଦିର କାର୍ଯ୍ୟାଳୟ ପ୍ରାପ୍ତ କଲା ପରେ Tahasildar Jatani ଙ୍କୁ ଉକ୍ତ ଜବରଦଖଲ ଉଚ୍ଛେଦ ନିମନ୍ତେ ପତ୍ର ପ୍ରଦାନ କରିଥିବା ଯଦି ସତ୍ୟ ତେବେ ଉକ୍ତ ପ୍ରେରିତ ପତ୍ରର ତଥ୍ୟ ପ୍ରଦାନ କରିବେ କି, (ଖ) ମନ୍ଦିର ପ୍ରଶାସକଙ୍କଠାରୁ TPCOOL ପତ୍ର ସଂଖ୍ୟା-6630, 6631, 26632, dtd.17.06.2022 ରିଖ ପଠାଇ ଏଯାବତ୍ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତଥ୍ୟ ପ୍ରଦାନ କରିବା ସହ ବ୍ୟତିକ୍ରମ କରୁଥିବା TPCODL ଅଧିକାରୀଙ୍କୁ ତୁରନ୍ତ action ନେବାକୁ ଆଦେଶ ପ୍ରଦାନ କରିବେ କି?

----

## ଅତିରିକ୍ତ ଦୌରା ଜଜ୍ ଅଦାଲତ ଖୋଲିବା ପାଇଁ ପଦକ୍ଷେପ

**2425 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ ଭାରତୀୟ ନାଗରିକ ସୁରକ୍ଷା ସଂହିତା-2023 ଅନୁଯାୟୀ ସହକାରୀ ଦୌରା Asst. Section Judge ପଦବୀ ଜଟଣୀ କୋର୍ଟରେ ନଥିବା ହେତୁ ଏହିସବୁ ଅଦାଲତରେ ପୂର୍ବ ଭଳି ଅପରାଧ ବିଚାର ନହୋଇପାରି କେବଳ ଦୌରା ଜଜ୍ ଙ୍କୁ ଅତିରିକ୍ତ ଦୌରା ଜଜ୍ ଙ୍କ ଅଦାଲତରେ ବିଚାର ବିମର୍ସ ହେବା ପାଇଁ ବ୍ୟବସ୍ଥା ନଥିବାରୁ ଭୁବନେଶ୍ୱର/ ଖୋର୍ଦ୍ଧାକୁ ପଠାଇବାକୁ ବାଧ୍ୟ ହେଉଛନ୍ତି, ଜଟଣିବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକ ଅତିରିକ୍ତ ଦୌରା ଜଜ୍ ଅଦାଲତ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ?

----

## ରାସ୍ତା ପ୍ରଶସ୍ତି କରଣ

2426 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗିର- କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା-ଚାନ୍ଦୋତରା ରାସ୍ତା (SH-42) ଅନ୍ତର୍ଗତ ବର୍ତ୍ତମାନ ଅର୍ଥ ମଞ୍ଜୁର କରାଯାଇଛି ଏବଂ ବଳକା ରାସ୍ତା ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ କେତେ କି.ମି. ରାସ୍ତା କୁ ଦୁଇ ଲାଇନ ରୁ ଚାରି ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ କେତେ ଅଧିନସ୍ଥ ବି.କେ.ବି.ସି. ରାସ୍ତା କୁ ଦୁଇ ରୁ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ପ୍ରଶସ୍ତିକରଣ କରିବା ପାଇଁ କଣ ପଦକ୍ଷେପ ନେଇଛନ୍ତି ତଥା ଉକ୍ତ ରାସ୍ତାକୁ କେବେ ସୁଦ୍ଧା ପ୍ରଶସ୍ତିକରଣ କରିବାର ପ୍ରସ୍ତାବ ଅଛି?

----

## Lady Supervisor ପଦବୀ ପୂରଣ

2427 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ତୁରେକେଲା ସମ୍ପନ୍ନିତ ଶିଶୁ ବିକାଶ ପ୍ରକଳ୍ପ (ICDS),ତୁରେକେଲା ରେ କେବେ ଠାରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (CDPO) ପଦବୀ ଖାଲିପଡି ଅଛି ଏବଂ କେବେ ସୁଦ୍ଧା ଉକ୍ତ ପଦବୀ ପୂରଣ କରାଯିବ, (ଖ) ସେହିପରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ସମ୍ପନ୍ନିତ ଶିଶୁ ବିକାଶ ପ୍ରକଳ୍ପ (ICDS ) ଅଧୀନସ୍ଥ କେଉଁ କେଉଁ Sector ରେ Lady Supervisor ଏବଂ କେଉଁ କେଉଁ ଆଙ୍ଗନୱାଡି କେନ୍ଦ୍ରରେ ଆଙ୍ଗନୱାଡି କର୍ମୀ ପଦବୀ ଖାଲିଅଛି ଓ କେବେ ସୁଦ୍ଧା ପୂରଣ କରାଯିବ, ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ବନଦୁର୍ଗା ମନ୍ଦିରର ବିକାଶ

2428 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ତୁରେକେଲା ବ୍ଲକ ଅର୍ନ୍ତଗତ ବୁଢାଡଙ୍ଗର ପର୍ବତ, ଫୁଜିପଥର ଠାରେ ଥିବା ଡଙ୍ଗରବୁଢା ଓ ମାଁ ବନଦୁର୍ଗା ମନ୍ଦିର ର ବିକାଶ ଏବଂ ଏହି ପିଠକୁ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶୀତ କରିବାକୁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା, ଉକ୍ତ ପ୍ରସ୍ତାବ ଉପରେ ବର୍ତମାନ ସୁଦ୍ଧା ବିଭାଗ ତରଫରୁ କଣ ସବୁ ପଦକ୍ଷପେ ଗ୍ରହଣ କରାଯାଇଛି ?

----

## ବଡସାହିରେ ମିଶନ ଶକ୍ତିର କାର୍ଯ୍ୟ

2429 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ଓ ବଡସାହି ବ୍ଲକରେ (2019-20 ରୁ 2015-26) ପର୍ଯ୍ୟନ୍ତ ମିଶନଶକ୍ତିର କେଉଁ କେଉଁ ଯୋଜନାରେ କେତେ funds ଆସିଛି, କେତେ SSG Group ର ମହିଳା ମାନେ ଉପକୃତ ହୋଇଛନ୍ତି, କେଉଁ ଯୋଜନା ଅସମ୍ପୂର୍ଣ୍ଣ ରହି fundsବାକି ପଡିଛି ଏବଂ ବର୍ତ୍ତମାନ ମିଶନ ଶକ୍ତି ବିଭାଗରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି?

----

## ଚୋରା ମଦ ବେପାରୀଙ୍କୁ ଦଣ୍ଡ ପ୍ରଦାନ

2430 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡସାହି ଏବଂ ବେତନଟୀ ବ୍ଲକରେ କେତେଗୋଟି ସ୍ୱିକୃତ ପ୍ରାପ୍ତ ବିଦେଶୀ ମଦ ଦୋକାନ ଅଛି ଓ କେତେ ଗୋଟି ଦେଶୀ ମଦଭାଟି ଅଛି, ଏବଂ ବେଆଇନ ଭାବରେ କେତେ ମଦଭାଟୀ ଡାଲିଛି ବିଭାଗ ପାଖରେ ଖବର ଅଛି କି, NH18 କଡ ଢାବାଠୁ ଆରମ୍ଭ କରି ଅଧିକାଂଶ ଦୋକାନରେ ବିଦେଶୀ ମଦ, ଗଞ୍ଜେଇ, ଡ୍ରଗ୍ସ, ଦେଶୀମଦ ବେଧଡକ ଭାବରେ ବିକ୍ରି ହୋଇ ସମାଜରେ ଅରାଜକତା ସୃଷ୍ଟି ହେବାର ଖବର ଅଛି କି, ଯଦି ହଁ କେବେ ସୁଦ୍ଧା ଏହି ଚୋରା ମଦ ବେପାରୀ ମନଙ୍କୁ ଧରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## ହିଙ୍ଗୁଳା ପିଠକୁ ପର୍ଯ୍ୟଟନ ମାନ୍ୟତା

2431 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡସାହି ବ୍ଲକର ମା ହିଙ୍ଗୁଳା ଉତ୍ତର ଓଡିଶାର ସର୍ବବୃହତ୍ତ ପିଠ ଅଟେ, ପ୍ରତି ବର୍ଷ ମେଳାରେ ୧୦ ରୁ ୧୨ ଲକ୍ଷ ଭକ୍ତମାନେ ଆସନ୍ତି, ଆଜି ପର୍ଯ୍ୟନ୍ତ କୌଣସି ଆନୁଦାନ ଆସିପାରିନାହିଁ, ତେଣୁ ଲୋକମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାରମ୍ବାର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି ହୋଇଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ନହେବାର କାରଣ କଣ, କେବେ ସୁଦ୍ଧା ମା ହିଙ୍ଗୁଳାଙ୍କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବ ?

----

## Tourism Development in Sonepur

2432 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That how many rupees has been spent in Tourism Centre Development of Sonepur district, As in Sonepur districts there is no industries and tourism scope is there, requesting the deptt. to explore the tourism centre development optims for benefit of people ?

----

## Construction of Bypass Road

2433 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That after completion of Deuli-Bauseni Bridge in Mahanadi river in my constituency, the traffic will be pass through Birmaharajpur town (Bhubaneswar to Sambalpur), Can govt. construct a

bypass road for Birmaharajpur town to reduce traffic in Birmaharajpur town ?

----

### Employment opportunity

2434 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That there is a Place in Durjantaila G.P. of Birmaharajpur block called Dhengo dam where there is a potential of Eco-tourism centre, can govt. look into the matter and help in employment opportunity for the local ?

----

### ଧାର୍ମିକ ସ୍ଥଳୀର ସୁରକ୍ଷା

2435 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ବହୁ ପୁରାତନ ମନ୍ଦିର, ଧାର୍ମିକ ସ୍ଥଳ ଗୁଡିକର ସୁରକ୍ଷା ପାଇଁ ଏବଂ ସେଠାରେ ମନ୍ଦିର ରୀତି ନୀତି ସମ୍ପର୍କିତ ସମସ୍ତ କାମ ବିଧି ମୁତାବକ ପାଳନ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି, ବହୁ ସମୟରେ ଠାକୁରଙ୍କ ନିତୀ କାର୍ଯ୍ୟରେ ବିଭ୍ରାଟ, ସମ୍ବନ୍ଧରେ ବିଭିନ୍ନ ମନ୍ଦିରର ଖବର ଆସୁଥିବାରୁ ସରକାର ସେଥିପ୍ରତି ଦୃଷ୍ଟି ଦେବା ସହ ଡାକ୍ତରମାନଙ୍କୁ ସର୍ବୋତ୍ତମ ସୁବିଧା ଯୋଗାଇବେ କି, ବିଭିନ୍ନ ପୁରାତନ ମନ୍ଦିର ମଠର ବିକାଶ ପାଇଁ ପଦକ୍ଷେପ ନେବେ କି ?

----

### ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱ ସ୍ତରୀୟ କରିବାକୁ ପଦକ୍ଷେପ

2436 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ସ୍ଥିତିରେ ଦୃତ ପରିବର୍ତ୍ତନ କରିବା ପାଇଁ ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ପାଇଁ ସରକାରଙ୍କର ବିଶେଷ ପଦକ୍ଷେପ କଣ, ଏବେ ରାଜ୍ୟରେ କେତୋଟି ପର୍ଯ୍ୟଟନ ସ୍ଥଳୀ ଅଛି ଓ ସେଗୁଡିକର ବିକାଶ ପାଇଁ ସରକାରଙ୍କର ଯୋଜନା କଣ ଅଛି, ୟାଟ୍ ଟୁରିଜିମ୍, କାରାଭାନ୍ ଟୁରିଜିମ୍ କେବେ ଆରମ୍ଭ ହେବ, ବିଶେଷ କରି ଓଡ଼ିଶାର Tourism Sector ଗୁଡିକ ବିଶ୍ୱ ସ୍ତରୀୟ କରିବା ପାଇଁ ଓ ସାରା ବିଶ୍ୱକୁ ସର୍ବାଧିକ Tourist ଓଡିଶାକୁ ଆସିବା ପାଇଁ ଯେପରି ଆଗ୍ରହୀ ହେବ ?

----

### ନିଶା ନିବାରଣ କେନ୍ଦ୍ର ସମ୍ପର୍କରେ

2437 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ନିଶା ନିବାରଣ କେନ୍ଦ୍ର ଅଛି କେଉଁ କେଉଁ ସ୍ଥାନରେ ଅଛି, କେତେ ଅନ୍ତେବାସୀ ଅଛନ୍ତି, ଏଠାରେ ନିଶାଗ୍ରସ୍ତ ମାନଙ୍କରେ treatment କିପରି ହୁଏ, ନିଶା ନିବାରଣ କେନ୍ଦ୍ର ଗୁଡିକର କାର୍ଯ୍ୟକଳାପ ସମ୍ବନ୍ଧରେ ସରକାର ଅନୁଧ୍ୟାନ କରୁଛନ୍ତି କି, ଠିକ୍ ଭାବେ ସବୁ କେନ୍ଦ୍ର ଗୁଡିକ ଚାଲିଛି କି ?

----

**Utilization of fund**

**2438 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Under The Shishu Vikash Yojana, How Much Funding Was Provided To Each CDPO In Every District And Block During The Last 2 Years, And How Was This Amount Utilized, A Detailed District-Wise And Block-Wise Report May Be Provided. During The Same Period, Who Were Suspended From Service Due To Financial Irregularities Or Serious Allegations, A District-Wise List Be Provided ?

----

**Funding to different tourism places**

**2439 Shri Rupesh Kumar Panigrahi (Paralakhemundi):**

Will the Minister for **Deputy Chief Minister** be pleased to state that:- In The Last 2 Years, How Much Funding Has Been Spent At Various Tourist Places In The State, Detailed Information May Be Provided ?

----

**Steps to increase Reservation percentage**

**2440 Shri Rupesh Kumar Panigrahi (Paralakhemundi):**

Will the Minister for **Law** be pleased to state that:- How Many Law-Division Committees Have Been Constituted In The State, And What Actions Have Been Taken Based On Their Reports, While A Judicial Academy Has Been Established To Enhance The Work Proficiency Of Judicial Officers, What Steps Are Being Taken To Set Up An Advocate Academy To Improve The Proficiency Of Lawyers, What Is The Percentage Of Reservation For Students Of The State In The National Law College, Cuttack, Will The Government Take Steps To Increase This Reservation Percentage ?

----

**ମହେଇ ନଦୀ ଉପରେ ପୋଲ ନିର୍ମାଣ**

2441 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମଛେଇ ନଦୀ ଉପରେ ବାଲିଆପାଳ ଏବଂ ଗୁରୁବାଟିଆ ଠାରେ ହେବାକୁ ଥିବା ସେକ୍ଟର ଟେଣ୍ଡର କାମ ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର କାମ ଆରମ୍ଭ ନହେବାର କାରଣ କଣ, କେବେଠାରୁ ଏହାର କାର୍ଯ୍ୟ ଆରମ୍ଭ ହେବ?

----

**ଚୋରା ମଦ କାରବାର**

2442 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଚୋରା ମଦ ଓ ଡ୍ରଗସ କାରବାର ବୃଦ୍ଧି ପାଉଥିବା କଥା ସରକାର ଜାଣନ୍ତି କି, ଏହାକୁ ବନ୍ଦ କରିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି?

----

**ପ୍ରକଳ୍ପର ଅଗ୍ରଗତି**

2443 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭିତରକନିକା development project ରେ ଚାନ୍ଦବାଲିର କସ୍ତୁରୀ କଣ ଠାରେ ହେବାକୁ ଥିବା project ର ଅଗ୍ରଗତି କଣ, ଏହି project କେବେଠାରୁ କାର୍ଯ୍ୟକାରୀ ହେବ?

----

**Construction of Shrimandir Parikarma Project**

2444 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Who laid foundation stone for construction of Shrimandir Parikarma Project, what was the project cost excluding land acqusition, what types of Infrastructure have been made in the project, will the government furnish the details of Infrastructure made and casts there of and also the progress of work yearwise and have project implementing agency?

----

**Women empowerment**

2445 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the prizes/appreciation/recognisation been received the State Govt. from Central Govt., other State Govt. and International organisation for the

tremendous/outstanding performance/model of the work in relation to Women empowerment in Odisha?

----

**Number of Foreign tourists**

**2446** **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many Foreign tourists have visited the State during last 5 years including the current year and revenue generated from the tourism sector in the State?

----

**ରାସ୍ତାର ଉନ୍ନତିକରଣ**

**2447** **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଗାନ୍ଧୀ ଛକ ଠାରୁ ବାଲିଆପାଳ PWD IB ପର୍ଯ୍ୟନ୍ତ ଥିବା ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତାଟିର ଉନ୍ନତି କରଣ ଏବଂ ପ୍ରଶସ୍ତୀକରଣ ପାଇଁ ବିଭାଗ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଉଛି ?

----

**Supplementary nutrition ପାଇଁ ଅର୍ଥ ଆବଣ୍ଟନ**

**2448** **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ ୨୦୨୪ ମସିହା ଠାରୁ ୨୦୨୫ ମସିହା ନଭେମ୍ବର ମାସ ସୁଦ୍ଧା Severe Acute Malnutrition (SAM) ଏବଂ Moderate Acute Malnutrition(MAM) ରେ ପୀଡିତ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ସଂଖ୍ୟା କେତେ, ଏଥି ସହିତ ଚଳିତ ଆର୍ଥିକ ବର୍ଷରେ ପୋଷଣ ୨.୦ ଅଭିଯାନ ଅଧୀନରେ supplementary nutrition ପାଇଁ କେତେ ଅର୍ଥ ଆବଣ୍ଟିତ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଖର୍ଚ୍ଚ ହୋଇଛି ?

----

**ବେଳାଭୂମିର ଉନ୍ନତିକରଣ**

**2449** **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଆପାଳ ବ୍ଲକର ଜମ୍ବିରାଇ ପଞ୍ଚାୟତ ସମୁଦ୍ର ଉପକୂଳରେ ଥିବା ଚାଉଳତି ବେଳାଭୂମିର ଉନ୍ନତି ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

**Auditorium କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ**

2450 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ଠାରେ ନିର୍ମାଣଧିନ Auditorium କାର୍ଯ୍ୟ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

**PWD IB ର ସ୍ଥିତି**

2451 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଇଣ୍ଡା ଠାରେ ପ୍ରସ୍ତାବିତ PWD IB ର ସ୍ଥିତି କ'ଣ, କେବେସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାହେବ ?

----

**ରାସ୍ତା ନିର୍ମାଣ**

2452 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭାରତମାଳା ଦ୍ୱାରା ରାସ୍ତା ନିର୍ମାଣରେ କେତେ ଖଣିଜ ପଦାର୍ଥ କେଉଁଠାରୁ ଉପଯୋଗୀ ହୋଇଅଛି ଜଣାଇବେ କି, ଏବଂ କେତେ ଗଛ ନଷ୍ଟ ହୋଇଅଛି ଏବଂ ଏହାର ପ୍ରତିକାର କ'ଣ କରାଯାଇଅଛି ?

----

**ଆଇନ ବିଭାଗର କାର୍ଯ୍ୟ**

2453 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ ଭାବରେ JMFC କୋର୍ଟ କେଉଁଠାରେ ଖୋଲିବାକୁ ବାକି ରହିଅଛି ?

----

**ଖାଦ୍ୟ ଯୋଗଣର ମାନ ବୃଦ୍ଧି**

2454 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ମହିଳା ଓ ଶିଶୁ ବିକାଶ ପାଇଁ ଅଙ୍ଗନୱାଡି କେନ୍ଦ୍ର ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଚଳିତ ଆର୍ଥିକ ବର୍ଷରେ କ'ଣ ପଦକ୍ଷେପ ନିଆଯାଇଛି ଏଥିରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, କର୍ମୀ ଓ ସହାୟିକା ମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ ଓ ଖାଦ୍ୟ ଯୋଗାଣର ମାନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ କି ?

----

**ଖାଲି ପଦବୀ ପୂରଣ**

2455 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ଠାରେ ଥିବା ଅବକାରୀ ଅଫିସରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଅଧିକାରୀ ରହଛନ୍ତି କି, ଯଦି 'ନାଁ' ଯେଉଁ ଖାଲି ପଦବୀ ରହିଛି ତାହା ପୂରଣ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ?

----

## ହସ୍ପିଟାଲ ର ନିର୍ମାଣ କାର୍ଯ୍ୟ

2456 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାଲିଥିବା 650 Bedded Teaching Hospital ର ନିର୍ମାଣ କାର୍ଯ୍ୟର ଆଜିକା ଦିନର ସ୍ଥିତି କ'ଣ, ଉକ୍ତ କାର୍ଯ୍ୟ ବିଭାଗ ସାଙ୍ଗରେ ଚୁକ୍ତି ଅନୁଯାୟୀ କେବେସୁଦ୍ଧା ସରିବା କଥା, ଯଦି ଏହା ବିଳମ୍ୱିତ ଚାଲିଛି ତା'ର କାରଣ କ'ଣ, ଏବଂ ଉକ୍ତ କାର୍ଯ୍ୟ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ଏବଂ ଉକ୍ତ କାର୍ଯ୍ୟ ବିଳମ୍ୱ ପାଇଁ ଦାୟୀ କିଏ, ଓ ଉକ୍ତ କାର୍ଯ୍ୟର ବିଳମ୍ୱ ପାଇଁ ବିଭାଗ କ'ଣ ପଦକ୍ଷେପ ଗ୍ରହଣ କରିବ ?

----

## ମୁଖ୍ୟ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ

2457 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାଲିଥିବା 300 ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ବିଭାଗ ସାଙ୍ଗରେ ଚୁକ୍ତି ଅନୁଯାୟୀ କେବେସୁଦ୍ଧା ସରିବା କଥା, ତା'ର ଆଜିକା ଦିନରେ ସ୍ଥିତି କ'ଣ ଏବଂ ଯଦି ଚୁକ୍ତି ଅନୁଯାୟୀ କାର୍ଯ୍ୟ ବିଳମ୍ୱିତ ଚାଲିଛି, ତାହା କାହିଁକି ବିଳମ୍ୱିତ ହୋଇଛି, କେବେସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ଶେଷ ହେବ ?

----

## ଦେବୋତ୍ତର ଜମି ଉଦ୍ଧାର

2458 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେତୋଟି ମନ୍ଦିର ଦେବୋତ୍ତର ଅଧିନରେ ଅଛି, ସେଗୁଡିକର ଜମି ଓ ସମ୍ପତ୍ତିର ପରିମାଣ କେତେ, ତନ୍ମଧ୍ୟରୁ ଜବରଦଖଲ ଜମିର ପରିମାଣ କେତେ, ଜବରଦଖଲ ମୁକ୍ତ କରିବା ପାଇଁ ସରକାର କ'ଣ ସବୁ ପଦକ୍ଷେପମାନ ଗ୍ରହଣ କରୁଛନ୍ତି, ଏସବୁର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; (ଖ) ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦିୟପାଟଣା ଠାରେ ସ୍ଥିତ ଶିବ ମନ୍ଦିର Endowment ଅଧିନରେ ଅଛି କି, ଯଦି 'ହଁ', ତେବେ ଉକ୍ତ ମନ୍ଦିର ପରିଚାଳନା ପାଇଁ କେତେ ଜମି ଓ ସମ୍ପତ୍ତି ଅଛି ?

----

## ରାସ୍ତା ଉନ୍ନତିକରଣ

2459 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଞ୍ଜିଗଡ ବ୍ଲକର ସିକେରକୁପା ଠାରୁ ଦାମପଡା ଭାୟା ଲାଞ୍ଜିଗଡ ରୋଡ୍ ଦେଇ ଯାଇଥିବା ରାସ୍ତାର ଉନ୍ନତିକରଣ ପାଇଁ Tender ହୋଇଥିଲେ ମଧ୍ୟ କେଉଁ କାରଣ ଯୋଗୁଁ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ, ବର୍ତ୍ତମାନ ଏହାର ସ୍ଥିତି କ'ଣ ; (ଖ) ଇନ୍ଦ୍ରାବତୀ ଜଳଭଣ୍ଡାର ଭିତରେ କେନ୍ଦୁଗୁଡା ଘାଟ ଠାରେ ଏକ ପୋଲ ନିର୍ମାଣ ନେଇ ଟେଣ୍ଡର କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ କାର୍ଯ୍ୟର ଅଗ୍ରଗତି ହେଉନଥିବା ସତ୍ୟ କି ?

----

## ମନ୍ଦିର ଜମି ଉଦ୍ଧାର ପାଇଁ ପଦକ୍ଷେପ

**2460 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ସମୁଦାୟ କେତେଗୋଟି ମନ୍ଦିର ଅଛି, ମନ୍ଦିର ଗୁଡିକର ନିଜସ୍ୱ ସମୁଦାୟ ଜମିର ପରିମାଣ କେତେ ଓ ସେଥିମଧ୍ୟରୁ କେତେ ଜବରଦଖଲରେ କେବେଠାରୁ ରହିଛି ଏବଂ ତାହାକୁ ଉଦ୍ଧାର ପାଇଁ ପ୍ରଶାସନ କ'ଣ ସବୁ ପଦକ୍ଷେପ ନେଇଛି, ତାହାର ମନ୍ଦିରୱାରୀ ଏକ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## କର୍ମଶାଳା ଆୟୋଜନ

**2461 Smt. Subasini Jena (Basta):**

Will the Minister for **Deputy Chief Minister** be pleased to state that:- ବାଲେଶ୍ୱରର ଏକ ସରକାରୀ କଲେଜରେ ଘଟିଥିବା ଦୁଃଖଦ ଆତ୍ମଦାହ ଘଟଣା ପରେ, ବାଲେଶ୍ୱର ତଥା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଶକ୍ତିଶ୍ରୀ ଆତ୍ମରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଛି ଏବଂ ନଭେମ୍ବର 2025 ସୁଦ୍ଧା ଏହି ବାବଦରେ କେତେଗୋଟି କର୍ମଶାଳାର ଆୟୋଜନ କରାଯାଇଛି ?

----

## SHG ର ତାଲିକା ପ୍ରଦାନ

**2462 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମିଶନ ଶକ୍ତି ଅଧିନରେ ରାଜ୍ୟ ତଥା ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀରେ କେତେଗୋଟି SHG (Self Help Group) କାର୍ଯ୍ୟରତ ଅଛନ୍ତି ତା'ର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବା ସହିତ SHG ମାନଙ୍କୁ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଗୁଡିକର ବିକ୍ରୟ (Selling) ଓ ବ୍ରାଣ୍ଡିଙ୍ଗ (Branding) ପାଇଁ ବିଭାଗ ଦ୍ୱାରା କୌଣସି ପ୍ରକାରର ପ୍ରଶିକ୍ଷଣ ବା ତାଲିମ ପ୍ରଦାନ କରାଯାଉଛି କି ; (ଖ) ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ ସ୍ତରରେ ମିଶନ ଶକ୍ତିର ନୂତନ ପ୍ରକଳ୍ପ ସ୍ଥାପନ ପାଇଁ କେଉଁ କେଉଁ ସ୍ଥାନକୁ ଅନୁମୋଦନ ଦେଇଛନ୍ତି ?

----

## ଶପଥ ପତ୍ର ପ୍ରଦାନ

**2463 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ସ୍ଥିତି R & B Division-I ରେ 01.04.2024 ଠାରୁ 17.11.2025 ଭିତରେ Rs.50,000/- ଠାରୁ ଅଧିକ ମୂଲ୍ୟର କେତେଗୋଟି କାର୍ଯ୍ୟ କରାଯାଇଛି, ଏ ସମସ୍ତ କାର୍ଯ୍ୟର ନାମ ଏବଂ Tender Date କେତେ, ଏଥିରେ କେଉଁ କେଉଁ ମାନେ ଅଂଶଗ୍ରହଣ କରିଥିଲେ ଏବଂ ଏହି Tender ଗୁଡିକୁ ପାଇବା ପାଇଁ ଠିକାଦାର ବା କଣ୍ଟ୍ରାକ୍ଟର ମାନେ ଯଥାର୍ଥ ଶପଥପତ୍ର (affidavit) ପ୍ରଦାନ କରିଥିଲେ କି ?

----

**ଉଷ୍ମ ପ୍ରସବଣ ପର୍ଯ୍ୟଟନ ସ୍ଥଳୀର ବିକାଶ**

**2464 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅତ୍ରି ଠାରେ ଅବସ୍ଥିତ ବିଶ୍ୱ ପ୍ରସିଦ୍ଧ ଉଷ୍ମ ପ୍ରସବଣ ପର୍ଯ୍ୟଟନ ସ୍ଥଳୀର ବହୁବିଧ ଭିତ୍ତିଭୂମି ଉନ୍ନତିକରଣ ପାଇଁ ଆପଣଙ୍କ ବିଭାଗ ତରଫରୁ Rs.4.00 (ଚାରିକୋଟି) ପ୍ରଦାନ କରାଯାଇଅଛି, ଅଦ୍ୟାବଧି ସେ ଟଙ୍କାର ବିନିମୟ ନହୋଇ ପଡିରହିଛି, ଉକ୍ତ ମଞ୍ଜୁରୀ ଟଙ୍କାର ଯଥାଶୀଘ୍ର ପର୍ଯ୍ୟଟନ ସ୍ଥଳୀରେ କାର୍ଯ୍ୟ ଆରମ୍ଭ କରିବାକୁ ପଦକ୍ଷେପ ନେବେ କି ; (ଖ) ଏତଦ୍ ବ୍ୟତୀତ ଦୃଷ୍ଟିଗୋଚର କରେ କି, ମଞ୍ଜୁରୀ କରିଥିବା ଟଙ୍କା ସମୁଦ୍ରକୁ ଶଙ୍ଖେ ଭଳି, ତେଣୁ ପର୍ଯ୍ୟଟନ ସ୍ଥଳୀ ପାଇଁ ଅଧିକ ଟଙ୍କାର ଆବଶ୍ୟକ ହେଉଥିବାରୁ ଏଥିପ୍ରତି ସରକାର ଦୃଷ୍ଟି ଦେବେ କି ?

----

**SHG ମହିଳାଙ୍କୁ ରୋଜଗାରକ୍ଷମ**

**2465 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀରେ ସର୍ବମୋଟ କେତୋଟି ମିଶନ ଶକ୍ତି କେନ୍ଦ୍ର ଅଛି, ମିଶନ ଶକ୍ତିରେ ସାମିଲ ଥିବା SHG ମହିଳା ମାନଙ୍କୁ ରୋଜଗାରକ୍ଷମ କରାଇବାକୁ ସ୍ୱାବଲମ୍ବୀ ହେବାପାଇଁ କି କି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଅଛି ?

----

**ଭିକ ମାଗୁଥିବା ନାବାଳକ ନାବାଳିକାଙ୍କ ସୁରକ୍ଷା**

**2466 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭିନ୍ନ ବେସରକାରୀ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ ରାସ୍ତାରେ ଭିକ ମାଗୁଥିବା କେତେଜଣ ନାବାଳକ ନାବାଳିକାଙ୍କୁ ଜୁନ୍ 2024 ରୁ ଆଜି ପର୍ଯ୍ୟନ୍ତ ଉଦ୍ଧାର କରାଯାଇଛି ଓ ସେମାନଙ୍କର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ?

----

**ସଡକ ଦୁର୍ଘଟଣା**

**2467 ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀ ଗଞ୍ଜାମ ବ୍ଲକ ହୁମା ଠାରେ ଜାତୀୟ ରାଜପଥ ପ୍ରାଧିକରଣ ତା'ର ରାସ୍ତାକାର୍ଯ୍ୟ ଦୀର୍ଘ ବର୍ଷ ଧରି ଜାରି ରଖିବା ଫଳରେ ସେଠାରେ କ୍ରମାଗତ ସଡକ ଦୁର୍ଘଟଣା ଘଟିବାରେ ଲାଗିଛି, ମୃତାହତ ସଂଖ୍ୟା ବଢ଼ିବାରେ ଲାଗିଛି, ଧୂଳି ଏବଂ ଧୂଆଁରେ ଜନସାଧାରଣ ଅସ୍ତବ୍ୟସ୍ତ, ତେବେ ସେଠାରେ କେତୋଟି ଦୁର୍ଘଟଣା ଘଟିଛି, କେତେଜଣ ମରିଛନ୍ତି କେତେ ଆହତ ହୋଇଛନ୍ତି ତା'ର ସଂଖ୍ୟା ପ୍ରଦାନ କରିବେ କି, ସେହିପରି ଗୋଟିଏ ପଟ ରାସ୍ତା ଯାହା ଅବସ୍ଥା ରହିଛି ତାକୁ ମରାମତି କରିବାର ବ୍ୟବସ୍ଥା ରହିଛି କି, ସେହିପରି ସେହି ନିକଟରେ TPSODL ର ଗୋଟିଏ ବିଦ୍ୟୁତ୍ ସବ୍ ଷ୍ଟେସନ ବିପଦସଙ୍କୁଳ ଅବସ୍ଥାରେ ରହିଥିବା କଥା ବିଭାଗ ଜାଣିଛି କି, କେତେବେଳେ ଦୁର୍ଘଟଣା ଘଟିଲେ ଏଥିପାଇଁ କେଉଁ ବିଭାଗଦାୟୀ ରହିବ ତା'ର ଉତ୍ତର ରଖିବେ କି, ଏହି ସବ୍ ଷ୍ଟେସନ ସ୍ଥାନାନ୍ତର ହେବା ଏବଂ ଏଥିନେଇ ଟେଣ୍ଡର ହୋଇ ଠିକାଦାର ନେଇଥିବା ଏବଂ କେଉଁ କାରଣରୁ ଏହାର କାମ ହୋଇନଥିବା ଜଣାଇବେ କି ?

----

## ପାରିଶ୍ରମିକ ବୃଦ୍ଧି ପାଇଁ ପଦକ୍ଷେପ

2468 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୋଗରାଇ ବ୍ଲକରେ ମୋଟ କେତୋଟି ଉତ୍ପାଦକ ଗୋଷ୍ଠୀ ରହିଛି ଏବଂ ଏହି ଗୋଷ୍ଠୀ ଗୁଡିକୁ ପରିଚାଳନା କରୁଥିବା ମହିଳା ମାନଙ୍କୁ ସରକାରଙ୍କ ତରଫରୁ କେତେ ପାରିଶ୍ରମିକ ଦିଆଯାଉଛି, ଉତ୍ପାଦକ ଗୋଷ୍ଠୀର ପ୍ରେସିଡେଣ୍ଟ ଓ ସେକ୍ରେଟାରୀ ମାନଙ୍କ ପାରିଶ୍ରମିକ ବଢାଇବା ପାଇଁ କିଛି ପଦକ୍ଷେପ ନେଇଛନ୍ତି କି ?

----

## ନିରୁଦ୍ଧିଷ୍ଟ ନାବାଳକଙ୍କ ତାଲିକା ପ୍ରଦାନ

2469 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ 2020 ମସିହାରୁ ଆଜି ପର୍ଯ୍ୟନ୍ତ କେତେଜଣ minor missing ହୋଇଛନ୍ତି ତା'ର ଜିଲ୍ଲାୱାରୀ ବ୍ଲକୱାରୀ ତାଲିକା ଦେବେ କି ?

----

## ରାଜପ୍ରାସାଦର ନବୀକରଣ

2470 **Shri Santosh Khatua (Nilgiri):**

Will the Minister for **Deputy Chief Minister** be pleased to state that:- ରାଜ୍ୟରେ ବହୁ ରାଜପ୍ରାସାଦର ନବୀକରଣ ହୋଇ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ କରାଯାଇଛି ଯେପରି ଗଜଲକ୍ଷ୍ମୀ ରାଜପ୍ରାସାଦ, ଢେଙ୍କାନାଳ, ବେଲଗଡିଆ ରାଜପ୍ରାସାଦ, ବାରିପଦା, ଆଳି ରାଜପ୍ରାସାଦ, କେନ୍ଦ୍ରାପଡା ଇତ୍ୟାଦି, ସେହିପରି ଗଡଜାତ ମାଟି ନୀଳଗିରିର ରାଜପ୍ରାସାଦ ବହୁ ଇତିହାସର ମୂକସାକ୍ଷୀ, ମାତ୍ର ଏହା ଆଜି ଅବହେଳିତ ଅବସ୍ଥାରେ ବହୁ ପର୍ଯ୍ୟଟକ ଏହା ବାବଦରେ ଉଚିତ ଧାରଣା ମଧ୍ୟ ପାଇପାରୁ ନାହାନ୍ତି, ଏଣୁ ନୀଳଗିରି ରାଜପ୍ରାସାଦର ନବୀକରଣ ପାଇଁ ସରକାରଙ୍କ ପାଖରେ କିଛି ପ୍ରସ୍ତାବ ଅଛି କି, ଏଥିସହିତ ଏଠାରେ କିଛି ଗାଇଡ୍ ନିଯୁକ୍ତି କରାଯାଇ ପାରିଲେ ନୀଳଗିରି ରାଜପ୍ରାସାଦ ବାବଦରେ ଅନେକ ଧାରଣା ଲୋକଙ୍କୁ ଜଣାଯାଇପାରିବ ?

----

**Illegal Distillary Case ସଂଖ୍ୟା**

2471 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ଗୁଣୁପୁର ଉପଖଣ୍ଡରେ illegal distillary ର 2024-25 ଆର୍ଥିକ ବର୍ଷରେ କେତୋଟି case registration ହୋଇଛି ?

----

**Presentation of Brief Report on SHGs**

2472 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Is it true that SHGs of Chitrakonda Constituency is deprived of quality training to enhance their skills, production and product presentation, in the last 3 years who were key training givers and under whose supervision the work has been done, a brief report be presented with the benefitting SHGs ?

----

**ମଦ ଦୋକାନର ତାଲିକା**

2473 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତେ ସଂଖ୍ୟକ ମଦ ଦୋକାନ ଅଛି, ଏଗୁଡିକ କେଉଁଠି ଓ କାହା ମାଲିକାନାରେ ଅଛି ତା'ର ଜିଲ୍ଲାୱାରୀ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ଏହି ମଦ ଦୋକାନ ନିମନ୍ତେ MGQ କେତେ ସ୍ଥିର ହୋଇଥିଲା ଏବଂ ବର୍ଷ ଶେଷ ସୁଦ୍ଧା କେତେ ବିକ୍ରି ହୋଇଛି ତା'ର ମଦ ଦୋକାନୱାରୀ ତଥ୍ୟ ପ୍ରଦାନ କରିବେ କି, ଯେଉଁ ମଦ ଦୋକାନ ଗୁଡିକ ଏହାର ଖିଲାପ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ବିଭାଗ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି ଜଣାଇବେ କି, ଏହି ଦୋକାନ ଗୁଡିକର ଟେଣ୍ଡର ବା ଲିଜ୍ ଅବଧି କେବେ ଶେଷ ହେବ ?

----

**ରାସ୍ତା ନିର୍ମାଣ ସମ୍ପର୍କରେ ବିଧାୟକଙ୍କ ସହ ଆଲୋଚନା**

2474 **Miss Sanjali Murmu (Bangriposi):**

Will the Minister for **Works** be pleased to state that:- ଝାରପୋଖରିଆ-ବାଙ୍ଗିରିପୋଷି ଠାରୁ ଯଶିପୁର-କେଉଁଝର ପର୍ଯ୍ୟନ୍ତ ପ୍ରସ୍ତାବିତ ବାଙ୍ଗିରିପୋଷି ଘାଟି ରାସ୍ତାର ପ୍ରଶସ୍ତିକରଣ ଜାତୀୟ ରାଜପଥ-18 (National Highway-18) ନିର୍ମାଣ ପାଇଁ ଯେଉଁ ପ୍ରସ୍ତାବ ଥିଲା ତା.01.11.2025 ସୁଦ୍ଧା ତାହାର କ'ଣ ଅଗ୍ରଗତି ହୋଇଛି ତା'ର ବିଶେଷ ବିବରଣୀପ୍ରଦାନ କରିବେ କି, ଏହି ପ୍ରସ୍ତାବିତ ରାସ୍ତା କେଉଁ ନିର୍ବାଚନ ମଣ୍ଡଳୀ ଏବଂ କେଉଁ କେଉଁ ନଦୀ ଉପର ଦେଇ ଯାଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, ଏହି ରାସ୍ତା ଯେଉଁ ଯେଉଁ ନିର୍ବାଚନ ମଣ୍ଡଳୀ ମଧ୍ୟ ଦେଇ ଯାଉଅଛି ସେହି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ମାନଙ୍କୁ ଡାକି ଏହି ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରିବେ କି, ଏଥିପାଇଁ କେତେ ଟଙ୍କା ଅଟକଳ କରାଯାଇଛି ?

----